European Union

ଅଗ୍ରଗାମୀ
AGRAGAMEE

# People's Voice

# ଲୋକ ମତ





















People Voice

Editor : Achyut Das

Support : Agragamee-European Union Information Sharing Project

Publisher :
AGRAGAMEE,
Kashipur-765015
Rayagada, Odisha, India

website: www.agragamee.org

Year of publication: 2018
Printed at:
Pen & Ink, Bhubaneswar - 751024

ଲୋକ ମତ

ସଂପାଦକ: ଶ୍ରୀ ଅଚ୍ୟୁତ ଦାସ

ସହାୟତା : ୟୁରୋପିୟାନ ୟୁନିୟନ-ଅଗ୍ରଗାମୀ ସୂଚନା ପ୍ରଦାନ ସମ୍ବନ୍ଧୀୟ ପ୍ରକଳ୍ପ

ପ୍ରକାଶକ :
ଅଗ୍ରଗାମୀ, କାଶୀପୁର,
ଜିଲ୍ଲା: ରାୟଗଡ଼ା, ଓଡ଼ିଶା

ପ୍ରକାଶନ ସମୟ : ୨୦୧୮
ମୁଦ୍ରଣ : ପେନ୍ ଆଣ୍ଡ ଇଙ୍କ୍, ଭୁବନେଶ୍ୱର - ୭୫୧୦୨୪

# *Introduction to the Publication on People's Voice*



Since 2014, Agragamee and its 8 Partners have been implementing a very challenging project Titled as "**Addressing Nutrition & Income Insecurity of Underprivileged Communities by Improving Access to Relevant Government Schemes"**which is supported by European Union. It is implemented in 10 Districts (Bolangiri, Gajapati, Kalahandi, Kandhamal, Koraput, Malkangiri, Mayurbhanj, Nabrangpur, Nuapada, Rayagada), 20 Blocks (Belpada, Bangamunda, Rayagada, R. Udayagiri, Madanpur Rampur, Thuamul Rampur, Phiringia, Tikabali, Dashamantapur, Lakhimpur, Mathili, Korkunda, Kaptipada, Thakurmunda, Tentulikhunti, Dabugaon, Boden, Nuapada, Kashipur, Rayagada), 100GPs and 1000 villages. The information shared with the communities on 5 Sectors – Education, Nutrition, Health, MGNREGS and Governance. In each Block we have formed Community Action Groups (CAGs) and at the District Level District Level RTI Forum which are giving the back up support to these communities at various levels. After getting information on various Schemes and Policies, many Individuals have come forward to demand better implementation of various Government Programmes. Their strong voices have achieved many tangible results. By their efforts, the entire community has benefitted.

We are Publishing this Volume of the People's Voices. And more publications will follow. These publications will be shared with many for motivation, positive action and sustainability of the programmes.

We are thankful to Mr. Bhaskar Parichha, Mr. Lokanath Panda and printer PEN AND INK for their efforts to make this publication possible.

**Achyut Das**
**Director**
**31-10-2018**

# ସୂଚୀପତ୍ର


୧. ଜିଲ୍ଲାପାଳଙ୍କୁ ମାଆମାନେ ଅଭିଯୋଗ କରିବା ପରେ ଅଙ୍ଗନବାଡ଼ି କେନ୍ଦ୍ର ସୁଚାରୁରୂପେ ଚାଲିଲା

୨. ଦେଶାନ୍ତର କମିଛି, ଲୋକଙ୍କର ଭାଗିଦାରୀତା ବଢ଼ିଛି

୩. ଉର୍ଲାଦାନୀ ପଂଚାୟତର ଝିଅ ସାରଦା ମାଝୀ

୪. ଭିତରବାଗ୍ରୀ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଚାଲିବା ସମ୍ପର୍କରେ

୫. ଦଶମନ୍ତପୁର ବ୍ଲକର ଚିକାମ୍ବ ପଂଚାୟତର ସରପଂଚ ଶ୍ରୀ ସାଇବାଣି ଜାନୀ

୬. ନାରୀନେତ୍ରୀ ବେନାରୀ କହଁର

୭. ଉଲୁକାତୁଣ୍ଡାରେ ଜଳ କଷ୍ଟ ଦୂର ହେଲା

୮. ସମ୍ବାରୁ ଗହିରଙ୍କ ନିଜ କଥା....

୯. ସମାଜ କଲ୍ୟାଣ ଦିଗରେ କାମ କରୁଛନ୍ତି ଲୋଚନୀ ମାଝୀ

୧୦. ସୂଚନା ମାଧ୍ୟମରେ ସଶକ୍ତିକରଣ

୧୧. ଅପହଂଚ ଅଂଚଳର ସଫଳ ମହିଳା : ମରିଚଗୁଡ଼ାର ସୁନ୍‌ଦେଇ ସାଉନ୍ତା

୧୨. ଶ୍ରୀମତୀ ଜଟଣୀ କହଁରଙ୍କ ନିଜ କଥା

୧୩. ବିଦ୍ୟାଳୟ ପରିଚାଳନା କମିଟି ଓ ନାଗରିକ ଚେତନା ମଂଚର ପ୍ରଚେଷ୍ଟାରେ ନୂତନ ସ୍କୁଲଗୃହ ନିର୍ମାଣ ଓ ବିଦ୍ୟାଳୟ ନିୟମିତ ଚାଲିଲା

୧୪. ଫଟକିମହୁଲରେ ସଚେତନତା ଦ୍ୱାରା ଗ୍ରାମର ବିକାଶ

୧୫. ସୂଚନା ମାଧ୍ୟମରେ ମାଆମାନଙ୍କର ସଶକ୍ତିକରଣ ନିମନ୍ତେ ଅଂଟା ଭିଡ଼ିଛନ୍ତି ଶ୍ରୀମତୀ ତିଲୋତ୍ତମା ଘିଭେଲା

୧୬. ସମାଜର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଛନ୍ତି ଶ୍ରୀମତୀ ଦୁର୍ଗା ମାଣ୍ଡି

୧୭. ମହିଳା ନେତ୍ରୀ ଶକୁନ୍ତଳା ନାୟକଙ୍କ ଅଡ୍ରୀ ପଂଚାୟତର ବିକାଶକୁ ନେଇ ସ୍ୱପ୍ନ

୧୮. ସୂଚନା କାର୍ଯ୍ୟକ୍ରମ ଦ୍ୱାରା ପଂଚାୟତର ଅନେକ ପରିବର୍ତ୍ତନ ଆସିଛି ପଂଚ ଦିଲୀପ ମାଝୀ

୧୯. ନାଗରିକ ଚେତନା ମଂଚ ସଦସ୍ୟା ସୁଶ୍ରୀ ସୂର୍ଯ୍ୟମଣି ହୋ'ଙ୍କ ସଫଳ କାହାଣୀ


CONTENTS


Introduction

1. How Anganwadi Centre Worked Efficently

2. Migration Stopped, People are more Aware Now

3. Sarada Majhi of Urladani Panchayat

4. Bhitarbagri Anganwadi Centre

5. Chikamb Sarpanch Saibani Jani's Story

6. Women Leader Benari Kanhar

7. How Bore Wells were Set up

8. Sambaru Gahir's Anti-migration Story

9. Women Strength

10. Empowerment through RTI

11. Success at Door Steps

12. A Success Story from Kandhmal

13. How a School Got New Lease of Life

14. Village Development through Awareness

15. Empowerment through Information

16. Committed to Social Development

17. Yet Another Dreamer of Panchayat Development

18. RTI has Done Wonders to This Panchayat

19. Success Story of Suryamani

# ଜିଲ୍ଲାପାଳଙ୍କୁ ମାଆମାନେ ଅଭିଯୋଗ କରିବା ପରେ
# ଅଙ୍ଗନବାଡ଼ି କେନ୍ଦ୍ର ସୁଚାରୁରୂପେ ଚାଲିଲା



**ଜୟମାଲ ମାଝୀ**
ଦୁରଖାଲ,
ପଂଚାୟତ : ଚନ୍ଦ୍ରଗିରି,
କାଶୀପୁର

କାଶୀପୁର ବ୍ଲକ ଅଧିନରେ ଚନ୍ଦ୍ରଗିରି ପଂଚାୟତର ଦୁରଖାଲ ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରୁ ୭ କି.ମି. ଦୂରରେ ଅବସ୍ଥିତ । ଏଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି ଏବଂ ଏଥିରେ ୩୫ଟି ଶିଶୁ ଅଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ଏହି କେନ୍ଦ୍ର ଗ୍ରାମର ଗୁଡ଼ି ଗୃହ ଏବଂ ହେଲ୍‌ପରଙ୍କ ଦାଣ୍ଡରେ ଚାଲୁଅଛି ।

ଆମ ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ନିୟମିତ ଭାବରେ ଆସୁନଥିଲେ କିମ୍ବା ଖାଦ୍ୟ ଦିଆଯାଉନଥିଲା । ପଂଚାୟତରେ ଏ ସମ୍ପର୍କରେ ଗ୍ରାମର କିଛି ଲୋକ ଅଭିଯୋଗ କଲେ, କିଛି ସୁଫଳ ମିଳିଲା ନାହିଁ । ଗ୍ରାମବାସୀ ପ୍ରଥମେ ବ୍ଲକ ସୂଚନା କାର୍ଯ୍ୟାଳୟର ପରାମର୍ଶ କ୍ରମେ କାଶୀପୁରସ୍ଥିତ ସି.ଡି.ପି.ଓଙ୍କ ସହ ଆଲୋଚନା କଲେ ଏବଂ ସି.ଡ଼ି.ପି.ଓଙ୍କ ପରାମର୍ଶ କ୍ରମେ ଏକ ଲିଖିତ ଅଭିଯୋଗ ଦେଲେ । ପ୍ରାୟ ମାସେ ଅପେକ୍ଷା କଲୁ । କିଛି ପରିବ□ନ ହେଲା ନାହିଁ । ଏହାପରେ ଗ୍ରାମରେ ବୈଠକ ହେଲା । ରାୟଗଡ଼ା ଯାଇ ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଗ୍ରାମବାସୀ ନିଷ୍ପ□ି କଲେ । ଗ୍ରାମର କୁଳମତି, ଉପର ଦେଇ, ଦିଆଲି, ଡମାଇ, ନୀନା ଦେଇ, ଆଦି ମାଆଙ୍କ ସମେତ ମୁଁ ରାମଧର, ଜୟମାଲ ମାଝି ପ୍ରମୁଖ ରାୟଗଡ଼ା ଯାଇ ସୋମବାର ଦିନ ଜିଲ୍ଲାପାଳଙ୍କୁ ଭେଟିଲୁ । ଲେଖା ହୋଇଥିବା ଦରଖାସ୍ତ ଦେଲୁ । କଲେକ୍ଟର ମ୍ୟାଡ଼ମ ମାଆମାନଙ୍କୁ ଅଙ୍ଗନବାଡ଼ିକର୍ମୀ ଖାଇବାକୁ ଦେଉଛି କି ନାହିଁ ପଚାରିଲେ । ଆମେ ନାହିଁ କହିଲୁ, ଅଣ୍ଡା ଦେଉନାହିଁ, ଗର୍ଭବତୀ ମାଆମାନଙ୍କୁ ଖାଇବାକୁ ଦେଉନାହିଁ ବୋଲି ମାଆମନେ କହିଲେ । ଆମେ ପୁରୁଷ ଲୋକମାନେ ମାଆମାନଙ୍କ ପଛରେ ଥିଲୁ । କଲେକ୍ଟର ମ୍ୟାଡ଼ମ କହିଲେ, ତୁମର ବିଷୟ କାଲିକି ବୁଝିବି । ତା'ପର ଦିନ ସି.ଡ଼ି.ପି.ଓ ଆମ ଗ୍ରାମକୁ ଆସିଲେ । ତାହା ପରଦିନଠାରୁ ଆମ ଗାଁରେ ନିୟମିତ ଭାବରେ ଶିଶୁ ଓ ଗର୍ଭବତୀ ମାଆ, ବୁଢ଼ାବୁଢ଼ିଙ୍କୁ ନିୟମିତ ଭାବରେ ଖାଇବାକୁ ମିଳୁଛି । ଅଣ୍ଡା ମିଳୁଛି । ଅଙ୍ଗନବାଡ଼ି କର୍ମୀ ଆମମାନଙ୍କ ସହ ଭଲ ଭାବରେ କଥାବାର୍ତ୍ତା ହେଉଛି ।

ଏହା ପରେ ପରେ ଗାଁ କଲ୍ୟାଣ ପାଣ୍ଠି ତରଫରୁ ସହାୟତା ରାଶି ୧୦,୦୦୦ ଟଙ୍କା ଅଙ୍ଗନବାଡ଼ି କର୍ମୀ ଉଠାଇ ଦେଇଥିଲା । ସେ ଓ୍ୱାର୍ଡମେମ୍ବରଙ୍କ ସହ ସହଯୋଗରେ ଗାଁ କଲ୍ୟାଣ ପାଣ୍ଠି ପଇସା ବ୍ୟାଙ୍କରୁ ଉଠାଇଥିଲେ । ଓ୍ୱାର୍ଡ଼ମେମ୍ବର ଦସ୍ତଖତ ଦେଇଥିଲେ, କିନ୍ତୁ କେଉଁଥି ପାଇଁ ପଇସା ଉଠାଇଥିଲା, ଜାଣିନାହିଁ ବୋଲି ଗ୍ରାମବାସୀଙ୍କୁ କହିଲେ । ଏହାପରେ ଗ୍ରାମବାସୀ ଅନୁସନ୍ଧାନ କଲେ । ଗାଁ କଲ୍ୟାଣ ପାଣ୍ଠିର ୧୦,୦୦୦ ଟଙ୍କା ଉଠାଇବା ଏବଂ ଗ୍ରାମର କୌଣସି ଉନ୍ନତିରେ ଲାଗିନଥିବା ସି.ଡ଼ି.ପି.ଓଙ୍କ ନିକଟରେ ଅଭିଯୋଗ କରାଗଲା । ଅଭିଯୋଗ କରିବା ପରେ ମଧ୍ୟ କିଛିଦିନ ସି.ଡ଼ି.ପି.ଓ ନିରବ ରହିଥିଲେ । ଏହାପରେ ଗ୍ରାମବାସୀ ଆସି ସି.ଡ଼ି.ପି.ଓଙ୍କୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଯିବୁ କହିବାରୁ ଅଙ୍ଗନବାଡ଼ି କର୍ମୀ ଗ୍ରାମ କଲ୍ୟାଣ ପାଣ୍ଠିକୁ ଅର୍ଥ ଫେରାଇ ଦେଲେ ଏବଂ ଏହି ଅର୍ଥ ଗ୍ରାମର ଉନ୍ନତି ଦିଗରେ କାମରେ ଲାଗିଲା ।

ଆମ ଗାଁରେ ଅଙ୍ଗନବାଡ଼ି ଘର ନାହିଁ, ଯଦି ଗୋଟିଏ ଅଙ୍ଗନବାଡ଼ି ଘର ହୁଏ, ତେବେ ଭଲ ହେବ । ଶିଶୁମାନେ ପାଠପଢ଼ି ପାରୁନାହାନ୍ତି, ଏଥିପାଇଁ ମଧ୍ୟ ଗୋଟିଏ ଦରଖାସ୍ତ ଲେଖିକି ଦେବୁ ବୋଲି ସ୍ଥିର କରିଛୁ ।

# How Anganwadi Centre Worked Efficently



Jayamal Majhi
Durkhal,
Panchayat : Chandragiri,
Kasipur

Durkhal under Chandragiri Panchayat in KASIPUR BLOCK is located 7 kms away from the panchayat hedquarters. It has an anganwadi entre with 35 children. The centre has no building of its own.The staff of this centre were irregular and didn't feed the children properly. The villagers having been advised by the block Information Center met the CDPO and filed a formal complaint. Even after a month,nothing happened. Then it was decided in the village committte to meet the Collector. Kulamati, Upar Dei, Damai, Nina, Jayamal Majhi and others went to meet the Collector in Rayagada. The collector asked about their problems. The women members told the Collector how the centre has become defunct and children and pregnant mothers are not being fed. She assured of action.The day after the CDPO came to our village. After this, the Anganwadi Centre started performing. Food is now regularly provided and the staff are approachable now.

An anganwadi staff with the collusion of the ward member had withdrawn an amount of Rs 10000 which had come from Grama Kalyana Samiti. Why this amount was withdrawn the villagers didn't know. The villagers did an investigation. It was found that the amount was withdrawn without authority and was not spent properly. Ther CDPO was informed about this. But he kept quiet.When the villagers threatended to report the matter to Collector the money was returned. The amount was spent for betteremnt of the Center. The Anganwadi center doesn't have a permanent house. We have decided to request the higher authorities to construct a building.

# ଦେଶାନ୍ତର କମିଛି, ଲୋକଙ୍କର ଭାଗିଦାରୀତା ବଢ଼ିଛି



ଏରା ପଡ଼ିଆମି
ସରପଂଚ,
ପଂଚାୟତ : ଗୋରାଖୁ□ା,
ବ୍ଲକ : କୋରକୋଣ୍ଡା,
ମାଲକାନଗିରି

ମୁଁ ଏରା ପଡ଼ିଆମି, ସରପଂଚ, ଗୋରାଖୁ□ା ପଂଚାୟତ, କୋରକୋଣ୍ଡା ବ୍ଲକ ମାଲକାନଗିରି । ମୋର କୋୟା ଆଦିବାସୀ ପରିବାରରେ ଜନ୍ମ । ମୁଁ ୧୦ମ ଶ୍ରେଣୀ ଫେଲ ହେବା ପରେ ରୋଜଗାର ଉଦ୍ଦେଶ୍ୟରେ ଦେଶାନ୍ତର ହୋଇଥିଲି । ହାଇଦ୍ରାବାଦ ଯାଇ ରୋଜଗାର ନିମନ୍ତେ ଅନେକ କଷ୍ଟ ପଡ଼ିଥିଲି । ଗାଁରେ ଗୋଟି ଖଟିଛି । ପେଟ ପୋଷିବା ପାଇଁ ମୁଁ ଦିନ ମଜୁରିଆ ହୋଇଥିଲି । ଶିକ୍ଷାର ଅଭାବ, ସଚେତନତାର ଅଭାବ, ଓ ସମସ୍ତ ସରକାରୀ ଯୋଜନା ଲୋକମାନଙ୍କ ପାଖରେ ନ ପହ□ିବା ହେତୁ ଆମ କୋୟା ସମାଜ ଉନ୍ନତି କରିପାରୁ ନାହାନ୍ତି ବୋଲି ମୁଁ ଅନୁଭବ କଲି ।

ଗତ ବର୍ଷ ଦଶହରା ପରେ ପରେ ଲୋକେ କାମ ପାଇଁ ଦେଶାନ୍ତର ହେବାକୁ ବାହାରିଥିଲେ । ପଂଚାୟତ ମାଧ୍ୟମରେ କାମ ଦେବା ପାଇଁ ମୁଁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଲି । ସେ ସମୟରେ ଜି.ଆର.ଏସ, ଜୁନିୟର ଇଂଜିନିୟରମାନେ ଧର୍ମଘଟ କରୁଥିଲେ । ମୁଁ କହିଲି, ସରପଂଚ ଭାବରେ ମୁଁ ଦାୟିତ୍ୱ ତୁମର ନେବି । ଏଥିପାଇଁ ମାଲକାନଗିରିଠାରେ ଜିଲ୍ଲାପାଳଙ୍କୁ ଭେଟିଲି । ଲୋକଙ୍କ ସମସ୍ୟା କହିଲି । ଲୋକଙ୍କୁ କାମ ଓ ମଜୁରୀ ମିଳିବ ବୋଲି ଜିଲ୍ଲାପାଳ ମୋତେ ଆଶ୍ୱାସନା ଦେଲେ । କଲେକ୍ଟର ଅତିରକ୍ତ ଇଂଜିନିୟରଙ୍କୁ ନିର୍ଦ୍ଦେଶ ଦେଲେ ସେମାନଙ୍କର କାମ ଏବଂ ମଜୁରୀ ସମ୍ବନ୍ଧରେ ସିଧାସଳଖ ବୁଝିବା ପାଇଁ । ଲୋକଙ୍କ ପାଇଁ ପୋଖରୀ ଖୋଳା, ରାସ୍ତାକାମ କାମ ମିଳିଲା । ପ୍ରାୟ ୬୦ ଜଣ ବାହାରକୁ ରୋଜଗାର ଉଦ୍ଦେଶ୍ୟରେ ଦେଶାନ୍ତର ନଯାଇ ନିଜ ଗ୍ରାମରେ କାମ ପାଇଲେ ।

ମୁଁ ପ୍ରତ୍ୟେକ ଗାଁ ଗାଁ ବୁଲି ଲୋକମାନଙ୍କୁ ଦେଶାନ୍ତର ନଯାଇ ଗ୍ରାମରେ ଏବଂ ପଂଚାୟତରେ କାମ କରିବା ପାଇଁ ନିବେଦନ କରୁଛି । ଗ୍ରାମର ଲୋକେ ନରେଗା ଯୋଜନାରେ କାମ କରୁଛନ୍ତି । ପ□ାୟତକୁ ଅନେକ ବିକାଶମୂଳକ ଫଣ୍ଡ ଆସୁଛି । ଫଳରେ ଦେଶାନ୍ତର ହେବାର କମିଛି । ବ□ମାନ ଗାଁରେ ରାସ୍ତାକାମ ଓ ପୋଖରୀ ଖୋଳା କାମ ଚାଲିଛି । ଲୋକମାନେ ଇତି ମଧ୍ୟରେ ପ୍ରାୟ ହାରାହାରି ୬୦ ଦିନ କାମ ପାଇଛନ୍ତି । ମଜୁରୀ ମଧ୍ୟ ପାଇଛନ୍ତି । ଫଳରେ ଲୋକଙ୍କ ଦେଶାନ୍ତର ଯିବା କମିଯାଇଛି । କାନ୍ଥଲେଖା ମଧ୍ୟ ଦେଶାନ୍ତର ନ ହେବାପାଇଁ ଲେଖାଯାଇଛି ଏବଂ ଲୋକମାନେ କିପରି ବିଦେଶକୁ ନଯିବେ ପଂଚାୟତ ତରଫରୁ ଦୃଷ୍ଟି ଦିଆଯାଉଛି । ମାଆମାନଙ୍କୁ ନେଇ ବୈଠକ, ବ୍ଲକସ୍ତରୀୟ କର୍ମଶାଳା ଆଦି ଆୟୋଜନ ହେବା ଦ୍ୱାରା ମାଆମାନଙ୍କ ମଧ୍ୟରେ ଅନେକ ଆତ୍ମବିଶ୍ୱାସ ବଢ଼ିଛି । ଗତ ଗ୍ରାମସଭାରେ ୧୩୦ ଜଣ ମାଆମାନେ ଭାଗ ନେଇଥିଲେ, ଯାହାକି ପୂର୍ବରୁ କେବେ ଏତେ ସଂଖ୍ୟକ ମାଆମାନେ ଯୋଗ ଦେଇନଥିଲେ ।

ଆମ ବ୍ଲକରେ ଗ୍ରାମସ୍ତରୀୟ ନାଗରିକ ଚେତନା ମଂଚ, ପଂଚାୟତସ୍ତରୀୟ ନାଗରିକ ଚେତନା ମଂଚ ଗଠିତ ହୋଇଛି । ମୁଁ ନାଗରିକ ଚେତନା ମଂଚ□ର ସଦସ୍ୟ ରହିଛି । ପଂଚାୟତରେ ଉଭୟ ମହିଳା ଏବଂ ପୁରୁଷଙ୍କ ସହଭାଗିତାରେ ଗ୍ରାମସଭା ଓ ପଲୀସଭାରେ ଉଭୟ ମହିଳା ଓ ପୁରୁଷ ସହଭାଗିତାରେ ପ□ାୟତରେ ଯୋଜନା କରାଯିବା ପାଇଁ ବ୍ୟବସ୍ଥା କରିଛି ।

# Migration Stopped, People are More Aware Now



Era Padiami
panchayat : Gorakhuta,
block : Korkonda ,
Malkangiri.

I was born in a Koya family.After failing in class X, I went away as a migrant labour. I worked hard in Hyderabad. I was a bonded labour and worked on daily wage. But I realized that the reasons for backwardness of the Koyas are lack of education, lack of awareness and government programmes not reaching the people.

Last year people here began migrating after Dussehra. I assured them to provide work in panchayat. I met Malkanigiri Collector and told him about the problems. He assured me of providing work to people. He asked the asst. engineer concerned to arrange daily job and wage. We dug wells and tanks.About 60 people got sufficient work and migration was stopped.

Now I have started convincing people to work in panchayats and not to go out. People are working under MNREGS. Panchayats have sufficient funds now. Village roads are being constructed. People are getting average 60 days of work. They get wages regularly. This has stopped migration.

Panchayat is taking care of people. Wall posters are maintained to educate people. Women are being asked to participate in block-level workshops. This has given them self-confidence.In the last Gram Sabha 130 women had participated, which never happened earlier. In our block and panchayat, Citizen Action Forum have been formed. I am a member of this forum. Men and women are participating in various discussions and also in Palli Sabhas and Gram Sabhas.

# ଉର୍ଲାଦାନୀ ପଂଚାୟତର ଝିଅ ସାରଦା ମାଝୀ



ସାରଦା ମାଝୀ
ଯୁରାଖମନ,
ପଂଚାୟତ : ଉର୍ଲାଦାନୀ,
ମଦନପୁର ରାମପୁର, କଳାହାଣ୍ଡି

କଳାହାଣ୍ଡି ଜିଲ୍ଲାର ମଦରପୁର ରାମପୁର ବ୍ଲକର ଉର୍ଲାଦାନୀ ପ□ାୟତର ଯୁରାଖମନ ଗ୍ରାମ ହେଉଛି ମୋର ଗ୍ରାମ । ଆଦିବାସୀ କନ୍ଧ ସଂପ୍ରଦାୟର । ଗତ ପଂଚାୟତ ନିର୍ବାଚନରେ ଆମ ଗ୍ରାମର ମାଆମାନେ ମୋତେ ନର୍ବାଚନ ଲଢ଼ିବାକୁ କହିଲେ, ମୁଁ ନିର୍ବାଚନ ଲଢ଼ିଲି ଏବଂ ଜିତିଲି । ପଂଚାୟତ ତରଫରୁ ମୋତେ ନାଏବ ସରପ□ରେ ଭାବରେ ନିର୍ବାଚିତ କରାଗଲା । ନିଜର ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ଗ୍ରାମାଚଂଳରେ ମାଆମାନଙ୍କ ଥିବା ପ୍ରତ୍ୟକ୍ଷ ଅନୁଭୂତି, ନିଜ ଅଂଚଳର ମାଆମାନଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ, ଏହାକୁ ଦୃଷ୍ଟି ଦେଇ କାମ କରୁଛି । ନିଜ ଅଂଚଳର ଶିକ୍ଷା ସମସ୍ୟା ଦେଖିଛି । ସେଥିପାଇଁ ପ୍ରାଥମିକ ଶିକ୍ଷା ଗ୍ରାମର କିପରି ଭଲ ହେବ ସେଥିପ୍ରତି ଦୃଷ୍ଟି ଦେଉଛି । ନିୟମିତ ଭାବରେ ବ□ମାନ ଗ୍ରାମର ଶିଶୁମାନେ ବିଦ୍ୟାଳୟ ଯାଉଛନ୍ତି । ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିଙ୍କ ତରଫରୁ ବିଦ୍ୟାଳୟରେ ଶିକ୍ଷାଦାନରେ ସହାୟତା କରିବା ପାଇଁ ପୁଅ ଓ ଝିଅ ମିଶି ତିନିଜଣଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିସହିତ ସ୍କୁଲରେ ସ୍କୁଲ ପରିଚାଳନା କମିଟି ବାଡ଼ିବଗିଚା ଚାଷ, ଅଗଷ୍ଟ ୧୫, ତଥା ବିଭିନ୍ନ ସ୍କୁଲ କାର୍ଯ୍ୟକ୍ରମରେ ମାଆମାନେ ଭାଗ ନେଉଛନ୍ତି । ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ସହାୟତା ଓ ସମୀକ୍ଷା କରୁଛନ୍ତି । ନିୟମିତ ଭାବରେ ପଂଚାୟତ ସ୍ତରୀୟ କମିଟି ସ୍କୁଲ କାର୍ଯ୍ୟକ୍ରମକୁ ବୁଝାବୁଝି କରୁଛି । ଏହାଦ୍ୱାରା ଗ୍ରାମରେ ଗୁଣାତ୍ମକ ଶିକ୍ଷା ଶିଶୁମାନେ ପାଇପାରିବେ ବୋଲି ଗ୍ରାମବାସୀଙ୍କ ମନରେ ଆଶା ସାର ହୋଇଛି । ଗତ ତିନିଚାରବର୍ଷ ମଧ୍ୟରେ ବିଭିନ୍ନ ସମୟରେ ସ୍କୁଲ ପରିଚାଳନା କମିଟି, ଶିକ୍ଷା ଅଧିକାର କମିଟି ସମ୍ପର୍କରେ ତାଲିମ ପାଇବା ଏବଂ ବିଭିନ୍ନ କର୍ମଶାଳାରେ ଯୋଗ ଦେବାଦ୍ୱାରା ଏହା ସମ୍ଭବ ହୋଇଛି ।

ଏହି ଅ□ଳର ମାଆମାନେ ଏକାଠି ହୋଇ "ମାଟି ମାଆର ସନ୍ତାନ'' ର ସଦସ୍ୟା ଅଛନ୍ତି ଏବଂ ଏହାକୁ ମାଆମାନେ ପରିଚାଳନା କରୁଛନ୍ତି । ଗତ ତିନିଚାରି ବର୍ଷରେ ମାଆମାନଙ୍କ ବିଭିନ୍ନ କ୍ଷେତ୍ରରେ ଭାଗିଦାରିତା ବାଢ଼ିଛି । ମାଆମାନେ ଅନେକ କ୍ଷେତ୍ରରେ ପାଟି ଖୋଲୁଛନ୍ତି । ବ□ମାନ ମାଆମାନେ ଏକାଠି ହୋଇ ବିଜୁଳି, ଡାକ୍ତରଖାନା, ସ୍କୁଲରେ ଶିକ୍ଷକ ନ ଆସିଲେ ତାଲା ପକାଇଦେବା, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ନହେଲେ ଆନ୍ଦୋଳନ କରି ପ୍ରତିବାଦ କରୁଛନ୍ତି, ଯାହାକି କିଛି ବର୍ଷ ତଳେ ଏହା ସମ୍ଭବ ନଥିଲା । ମାଆମାନେ ଏକାଠି ହୋଇ ଏହି ପଂଚାୟତ କିପରି ମଦମୁକ୍ତ ହେବ, ସେଥିପ୍ରତି ଆନ୍ଦୋଳନ କରୁଛନ୍ତି । ଏହାର ନେତୃତ୍ୱ ନେବାର ଦାୟିତ୍ୱ ମୋତେ ଦେଉଛନ୍ତି ।

ଇ.ୟୁ ପ୍ରକଳ୍ପ ତଥା ପଛୁଆ ବର୍ଗଙ୍କ ନିମନ୍ତେ ସୂଚନା ସମ୍ବନ୍ଧୀୟ ପ୍ରକଳ୍ପ ଦ୍ୱାରା ନିଜେ ଏବଂ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମସଭା, ନରେଗା ଆଦି ସମ୍ପର୍କରେ ଅଧିକ ସଚେତନତା ବଢ଼ିଛି । ଗ୍ରାମବାସୀ ସେମାନଙ୍କର ଅଧିକାର ଓ ସରକାରଙ୍କ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସୁଫଳ ପାଇପାରୁଛନ୍ତି ଏବଂ ନିଜର ଅଧିକାର ପାଇବା ପାଇଁ ଲଢୁଛନ୍ତି । ମୋର ସ୍ୱପ୍ନ ରହିଛି, "ତାଙ୍କ ଗ୍ରାମ ଏବଂ ତାଙ୍କ ପ□ାୟତ ଏକ ପରିବେଶଭି□କ ଗ୍ରାମ ହେବ । ଗ୍ରାମବାସୀ ବିଶେଷ ଭାବରେ ବ□ିବା ପାଇଁ ନିର୍ଭର କରିବେ ନାହିଁ । ଶିଶୁମାନେ ଗୁଣାତ୍ମକ ଶିକ୍ଷାପାଇବେ । ଗ୍ରାମ ଏବଂ ପ□ାୟତ ନିଶାମୁକ୍ତ ହେବ । ଗ୍ରାମରେ ସମସ୍ତେ ରୋଜଗାରକ୍ଷମ ହେବେ ଏବଂ ବାହାରକୁ ରୋଜଗାର ନିମନ୍ତେ ବାହାରକୁ ଯିବେ ନାହିଁ । ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ।''

# Sarada Majhi of Urladani Panchayat



Sarada Majhi
Jurakhaman,
panchayat : Urladani,
Madanpur Rampur,
Kalahandi.

I belong to Kondh tribe. Last time I was asked by our village women to stand for election. I fought and won. I was elected as Naib-Sarpanch. With my middle education background, I am able to solve the problems our women folk face.

I have seen the problems in my own eyes. That's why I focus on primary schools. With the consent of the village education committee and the villagers, three boys and girls have been engaged to impart education in our schools. Children are now coming regularly to school. The committee does a bit of gardening and women take active participation in events like Independence day.

They also help and review the mid-day meal programme. Due to regular monitoring, quality of teaching has increased. In the last three years village education committee has got training and participated in various workshops.

Women have formed different forum and are managing them. Participation in various issues has increased. Women are now pro-active in various problems connected with government schemes and programmes like electricity and teacher absenteeism. They are asking questions and are forthright. I have taken a lead in this. People are fighting for their rights. My dream is to make this panchayat an ideal panchayat where children can get quality education, environmentally make it sustainable and a no-liquor village. Also I want to see people don't go out in search of work.

# ଭିତରବାଗ୍ରୀ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଚାଲିବା ସମ୍ପର୍କରେ



ଶ୍ରୀ ଦିପଲାଲ ପରଜା
ଭିତରବାଗ୍ରୀ,
ବ୍ଲକ : ଦଶମନ୍ତପୁର, କୋରାପୁଟ

ଭିତରବାଗ୍ରୀ ଗ୍ରାମଟି ପଂଚାୟତ ଠାରୁ ୫ କି.ମି., ବ୍ଲକଠାରୁ ୧୫ କି.ମି ଏବଂ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ୨୦ କିଲୋମିଟରରେ ଦୂରରେ ରହିଛି । ଆମ ଗ୍ରାମରେ ୧୭୦ଟି ପରିବାର ବାସ କରନ୍ତି । ସେଥି ମଧ୍ୟରୁ ୧୬୧ ପରିବାର ଆଦିବାସୀ ସଂପ୍ରଦାୟର ହୋଇଥିବା ବେଳେ ୦୩ ପରିବାର ଅନୁସୂଚିତ ଜାତି  ଏବଂ ୬ଟି ପରିବାର କମାର ପରିବାରର  ।  କୃଷି ସହିତ ଦିନ ମଜୁରିଆ ଭାବରେ ଗ୍ରାମବାସୀ ଜୀବିକା ପ୍ରତିପୋଷଣ କରିଥାନ୍ତି ।

୨୦୧୪ ମସିହାରୁ ୨୦୧୮ ମସିହାକୁ ଦେଖିବାକୁ ଗଲେ ଆମ ଗାଁରେ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟି କ୍ଷେତ୍ରରେ ପରିବ□ନ ଆସିଛି । ୨୦୧୪ ମସିହାରେ ଆମ ଗ୍ରାମରେ ଇ.ୟୁ. ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ମନରେଗା ତଥା ଗ୍ରାମସଭା ଏବଂ ପଲ୍ଲୀସଭା ଉପରେ କାମ କରିବା ପାଇଁ ଗାଁର ସଚେତନ କରାଯାଇଥିଲା । ପ୍ରଥମେ ଗ୍ରାମରେ ବୈଠକ ମାଧ୍ୟମରେ ପାଂଚଟି ଯୋଜନାରେ ସମ୍ପର୍କରେ କ'ଣ କ'ଣ ବ୍ୟବସ୍ଥା ରହିଛି, ଅଗ୍ରଗାମୀର ଆଜ୍ଞାମାନେ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଆମ ଗାଁର ଲୋକେ ସରକାରୀ ଯୋଜନା ଏବଂ ଆଇନ ବିଷୟରେ କିଛି ଜାଣି ନଥିଲେ । ଗ୍ରାମରେ ଅଙ୍ଗନବାଡ଼ି କାମ ଚାଲୁନଥିଲା, ବିଦ୍ୟାଳୟକୁ ଶିକ୍ଷକମାନେ ଆସୁନଥିଲେ !  ବିଦ୍ୟାଳୟର ଘର ଥିଲେ ମଧ୍ୟ ପାଠପଢ଼ା ଉପଯୋଗ ଘର ଓ ପରିବେଶ ନଥିଲା । ଅଙ୍ଗନବାଡ଼ି କେନ୍ଦ୍ର ଚାଲିବା ପାଇଁ ଘରଟିଏ ମଧ୍ୟ ନଥିଲା । ସ୍ୱାସ୍ଥ୍ୟ କଥା ଦେଖିଲେ ଏ.ଏନ.ଏମ.  ଗ୍ରାମକୁ ଟିକା ଦେବାପାଇଁ ଆସୁନଥିଲେ । ଗାଁରେ ପଲ୍ଲୀସଭା ହେଉନଥିଲା କି ଗ୍ରାମସଭାକୁ ଲୋକମାନେ ଆସୁନଥିଲେ । ଅଗ୍ରଗାମୀର ଆଜ୍ଞାମାନେ ଆସିଲେ ଏବଂ ଗ୍ରାମରେ ଏକ ବୈଠକ ହେଲା । ଏହାପରେ ଗାଁର ବିକାଶ କରିବା ପାଇଁ  ନାଗରିକ ସଚେତନ ଦଳ ଗଠନ କଲୁ ।  ଏହି ଦଳରେ ଗାଁର କିଛି ଶିକ୍ଷିତ  ଯୁବକ, ନିର୍ବାଚିତ ପ୍ରତିନିଧିଙ୍କ ସହ ଆଗ୍ରହୀ ଥିବା ୧୫ ଜଣ (୭ ମହିଳା ଏବଂ ୮ ପୁରୁଷ) ରହିଲେ । ଏହି ଦଳର ସଭ୍ୟ ସଭ୍ୟା  ବୈଠକ କରି ସରକାରୀ ଯୋଜନା ସମ୍ପର୍କରେ ପ୍ରଚାରପତ୍ର, ଆଲୋଚନା ମାଧ୍ୟମରେ ସଚେତନ ହେଲେ ଏବଂ ଅଗ୍ରଗାମୀର ମିଟିଂରେ ଯୋଗ ଦେଲେ । ଗାଁରେ ଇ.ୟୁ. ପ୍ରକଳ୍ପ ଚାଲିଲା ପରେ ଲୋକମାନେ ବିଭିନ୍ନ ଯୋଜନା ଏବଂ ଆଇନ ବିଷୟରେ ଜାଣିପାରିଲେ । ଆମ ଗାଁରେ ଅଙ୍ଗନବାଡ଼ି କାର୍ଯ୍ୟକ୍ରମ  ସମ୍ପୂର୍ଣ୍ଣ ବନ୍ଦ ଥିଲା । ଗ୍ରାମକୁ ଦିଦି ଆସୁନଥିଲେ । ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ହେଉନଥିଲା । ଇ.ୟୁ-ଅଗ୍ରଗାମୀ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ  ଆଇ.ସି.ଡ଼ି.ଏସ. କାର୍ଯ୍ୟକ୍ରମ ଉପରେ ଗାଁରେ ବୈଠକ କରାଯାଇଥିଲା । ଅଙ୍ଗନବାଡ଼ି ଯୋଜନା ସମ୍ପର୍କରେ ଗ୍ରାମରେ ବୈଠକ ଡାକି ସଂପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଅଗ୍ରଗାମୀ ତରଫରୁ ଗାଁ କାନ୍ଥରେ ଯୋଜନା ଉପରେ ଲେଖାଯାଇଥିଲା ।  ହିତାଧିକାରୀଙ୍କୁ ନେଇ ଏକ ଯାଂଚ□କମିଟି ଗଠନ କରାଯାଇଥିଲା । ଗାଁର ଶ୍ରୀ ରତ୍ନାକର ମୁଦୁଲି ୨୦୧୪ ମସିହାରେ ସୂଚନା ଅଧିକାର ଆଇନ ଉପରେ ସଚେତନ ହୋଇ ଅଙ୍ଗନବାଡ଼ି ବିଷୟରେ ସୂଚନା ମାଗିଥିଲେ । ଗ୍ରାମବାସୀଙ୍କୁ ଇ.ୟୁ. ପ୍ରକଳ୍ପ ଦ୍ୱାରା ସଚେତନ ହେଲା ପରେ ଅଙ୍ଗନବାଡ଼ି କର୍ମୀଙ୍କୁ କେନ୍ଦ୍ର ନିୟମିତ ଚାଲୁ କରିବା ପାଇଁ ଦାବୀ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ନୂତନ ଘର ପାଇଁ ମଧ୍ୟ ସି.ଡ଼ି.ପି.ଓଙ୍କୁ ଦାବୀ କରାଯାଇଥିଲା । ବ□ମାନ କେନ୍ଦ୍ରଟି ଠିକରେ ଚାଲିଛି । ଅଙ୍ଗନବାଡ଼ି କର୍ମୀ ପ୍ରତିଦିନ ଆସୁଛନ୍ତି । ନୂତନ ଗୃହରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଅଛି ।

# Bhitarbagri Anganwadi Centre



Sri Diplal Paraja
Bhitarbagri,
Block : Dashmantapur ,
Koraput

Bhitarbagri is at a distance of 20 kms from the district headquarter. 170 families live in this village.Out of this 161 families are tribals and rest are from other communities. The main occupation is agriculture and daily wage. Since 2014, there has been a big change in social, economical condition and also in health and niutrition.In 2014.Then the EU project was started. The project was aimed at creating awareness about government programmes and Palli Sabha and Gram Sabha.

We first sat with people from Agragamee and identified issues.Anganwadis was not working. Teachers were not coming regularly. There was no house for the school and the Anganwadi center.ANMs were not visiting villages for immunization. No palli sabha or gram sabha was conducted.

Then we decided to change all this. We formed a Citizen Action Group with 7 women and 8 men. The members took interest in knowing about government progammes through leaflets. After EU project started, awareness level grew.

In this village anganwadi centre was not functioning, no one came visting. Then villagers decided to take up ICDS Programme. People were informed about anganwadi center through publicity material. A review committee was formed with the beneficiaries.

Ratnakar Muduli had asked about the information about the centre through RTI. After people became aware, it was demanded to run the anganwadi center regularly. Demands were placed to construct a permanent building . Now the Anganwadi centre is running fine in the newly constructed house.

# ଦଶମନ୍ତପୁର ବ୍ଲକର ଚିକାମ୍ବ ପଂଚାୟତର ସରପଂଚ ଶ୍ରୀ ସାଇବାଣି ଜାନୀ



ଶ୍ରୀମତୀ ସାଇବାଣୀ ଜାନୀ
ଚିକାମ୍ବ,
ଦଶମନ୍ତପୁର,
କୋରାପୁଟ

ମୁଁ ସାଇବାଣୀ ଜାନୀ । ବୟସ ୩୫ ବର୍ଷ, ପଂଚାୟତ ଚିକାମ୍ବ ।  ଦଶମନ୍ତୁପର ବ୍ଲକ୍, କୋରାପୁଟ ଜିଲ୍ଲା । ୨୦୧୨ରୁ ୨୦୧୬ ମସିହାରେ ଚିକାମ୍ବ ପଂଚାୟତର ସରପଂଚ ଭାବରେ ମୁଁ ନିର୍ବାଚିତ ହୋଇଥିଲି । ପୂର୍ବରୁ କିଛି ଜାଣିନଥିଲି । ଲୋକମାନଙ୍କୁ ଦେଖିଲେ ଭୟ ଏବଂ ଲାଜ ଲାଗୁଥିଲା ।  ସରକାରଙ୍କ ନୀତି, ଆଇନ ସମ୍ବନ୍ଧର ମୋର କିଛି ଧାରଣା ନଥିଲା । ୨୦୧୪ ମସିହାରେ ଅଗ୍ରଗାମୀ ଆମ ଗ୍ରାମକୁ ଆସିଲା ଏବଂ ଗାଁରେ ବୈଠକ କରି ଲୋକମାନଙ୍କୁ ସରକାରୀ ଯୋଜନା ସମ୍ବନ୍ଧରେ ବୁଝାଇଲେ । ଏହା ପରେ ମୋ ପଂଚାୟତରେ ଏହି କାର୍ଯ୍ୟକ୍ରମ ଚାଲିବା ପାଇଁ ବୈଠକରେ ଆଲୋଚନା ହେଲା ଏବଂ ପଂଚାୟତ ଏଥିପାଇଁ ଅନୁମତି ଦେଲା । ଅଗ୍ରଗାମୀ ତରଫରୁ ବିଭିନ୍ନ ତାଲିମ ଓ ବୈଠକ କରାଗଲା । ଏହି ତାଲିମ ଓ ବୈଠକ ଦ୍ୱାରା ମୁଁ ଅନେକ ବିଷୟରେ ଶିଖିଲି ଯଥା ଶିକ୍ଷା ଅଧିକାର ଆଇନ, ମନରେଗା, ସୂଚନା ଅଧିକାର ଆଇନ, ଜଙ୍ଗଲ ଅଧିକାର ଆଇନ, ସମ୍ପ□ିଗତ ଅଧିକାର ଆଇନ, ଲୋକ ସେବା ଆଇନ ତଥା ସରକାରଙ୍କର ବିଭିନ୍ନ ଜନମଙ୍ଗଳ ଯୋଜନା ବିଷୟରେ ଜାଣିବାକୁ ପାଇଲି । ଏହି ପ୍ରକଳ୍ପ ତରଫରୁ ବିଭିନ୍ନ ପ୍ରକାର ପ୍ରଚାରପତ୍ର, ବହି, ସୂଚନାବା□ା ପଢ଼ି ପଂଚାୟତର କାମ ଓ ସରକାରଙ୍କ ଲୋକ କଲ୍ୟାଣ ଯୋଜନା ସମ୍ପର୍କରେ ଜାଣିଲି ଏବଂ ସୂଚନା ପାଇପାରିଲି । ପ୍ରଥମେ ମୁଁ ମାଆମାନଙ୍କୁ ଏକତ୍ର କରିବା ପାଇଁ ଚେଷ୍ଟା କଲି ଓ ଏଥିପାଇଁ ଅଗ୍ରଗାମୀର ସାହାଯ୍ୟ ନେଲି । ଇ.ୟୁ. ପ୍ରକଳ୍ପ ତରଫରୁ ମାଆମାନଙ୍କୁ ସରକାରଙ୍କ ଆଇନ ଏବଂ ଯୋଜନା ସମ୍ପର୍କରେ ତାଲିମ ଦିଆଗଲା । ପଲ୍ଲୀସଭା ଓ ଗ୍ରାମସଭାରେ ମାଆମାନଙ୍କର ଅଂଶଗ୍ରହଣ ଉପରେ ମୁଁ ଗୁରୁତ୍ୱ ଦେଲି। ପୂର୍ବରୁ ଗାଆଁକୁ ବାହାରୁ କେହି ଆସିଲେ ମାଆମାନେ ଘରୁ ବାହାରୁନଥିଲେ, ବାରମ୍ବାର ମିଟିଂ ହେବା ମାଆମାନେ ବୈଠକକୁ ଆସିଲେ । ଗ୍ରାମ ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସୂଚନା ଅଧିକାର ମ□ରେ ମୁଁ ସାମିଲ ହୋଇ କାମ କରିବାର ସୁଯୋଗ ପାଇଲି ।  ଗାଁ ଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ର ଠିକ ଭାବରେ ଚାଲୁନଥିଲା । ମା'ମାନଙ୍କୁ ଏକାଠି କରି ମାତୃ କମିଟି ଏବଂ ଜାଂଚ କମିଟି ଗଠନ କରି ଅଙ୍ଗନବାଡ଼ି କେନ୍ଦ୍ରଙ୍କୁ ଶିଶୁମାନଙ୍କୁ ଛାଡ଼ିବାକୁ ଓ ତଦାରଖ କରିବାକୁ କହିଲି । ଏହାର ପ୍ରଭାବରେ  ପଂଚାୟତରେ ଅଙ୍ଗନବାଡ଼ି କେନ୍ଦ୍ର ଠିକ ଭାବରେ ଚାଲିଲା । ଅଙ୍ଗନବାଡ଼ି କର୍ମୀ ପ୍ରତି ଦିନ କେନ୍ଦ୍ରକୁ ଆସିବା, ପ୍ରାକ-ପ୍ରାଥମିକ ଶିକ୍ଷା ଓ ବାର ଅନୁଯାୟୀ ଖାଦ୍ୟ ଦେବା ଉପରେ ଗୁରୁତ୍ୱ ଦେଇଥିଲୁ ।

ମନରେଗା କାର୍ଯ୍ୟକ୍ରମରେ ଲୋକମାନେ କାମ କରିବା ପାଇଁ ରାଜି ହେଉନଥିଲେ ।  କାମ କଲେ ମଧ୍ୟ ବହୁଦିନ ଧରି ମଜୁରୀ ମିଳୁନଥିଲା । ମୁଁ ସରପଂଚ□ଭାବରେ ଗ୍ରାମବାସୀଙ୍କୁ ସାହାସ ଦେଲି। ପଂଚାୟତ ତରଫରୁ ଅଗ୍ରଗାମୀ ସହିତ ମିଶି ପ୍ରତ୍ୟେକ ଗ୍ରାମରେ ଶ୍ରମିକ ଦଳ ଗଠନ କଲୁ ।  ଲୋକମାନେ ଦଳ ମାଧ୍ୟମରେ କାମ ଆବେଦନ କରୁଛନ୍ତି ଏବଂ ମଜୁରୀ ମଧ୍ୟ ଗ୍ରାମବାସୀ ଠିକ ସମୟରେ ପାଇଲେ। ବିଶେଷ କରି ଜମି ମରାମତି, ଚେକ ଡ୍ୟାମ, ଇତ୍ୟାଦି କାମକୁ ଗୁରତ୍ୱ ଦିଆଗଲା । ଜବ ଦାବୀ ପାଇଁ ସପ୍ତାହରେ ବୁଧବାରକୁ ଧାର୍ଯ୍ୟ କରାଗଲା । କାନ୍ଥ ଲେଖା,ହାଟ କାର୍ଯ୍ୟକ୍ରମ, ପ୍ରଚାରପତ୍ର ଦ୍ୱାରା ଲୋକମାନେ ମନରେଗା ଏବଂ ଗ୍ରାମସଭାର ଦାୟିତ୍ୱ ସମ୍ପର୍କରେ ଅଧିକ ସଚେତନ ହୋଇଛନ୍ତି । ମାଆମାନେ ଅଧିକ ମାତ୍ରାରେ ପଲ୍ଲୀସଭା ଏବଂ ଗ୍ରାମସଭାରେ ଯୋଗ ଦେଇ ଆସୁଛନ୍ତି । ମୁଁ ନାଗରିକ ଚେତନା ମଂଚର ସଭ୍ୟ ଭାବରେ ସରକାରୀ ଯୋଜନା ସମ୍ପର୍କରେ ଅଧିକ ମାତ୍ରାରେ ଜାଣି ପଂଚାୟତରେ ଏହାକୁ କାର୍ଯ୍ୟକାରି କରିବା ପାଇଁ ଚେଷ୍ଟା କରୁଛି । ମନରେଗା କାମରେ ଦଶମନ୍ତପୁର ବ୍ଲକରେ ୧୬ଟି ପଂଚାୟତ ମଧ୍ୟରୁ ୨୦୧୫ରୁ ୧୦୧୬ ମଧ୍ୟରେ ଅଧିକ କାମ ହୋଇଥିଲା ।  ପଂଚାୟତର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅଙ୍ଗନବାଡ଼ି, ମନରେଗା, ଜଙ୍ଗଲ ସୁରକ୍ଷା ଆଇନ, ଖାଦ୍ୟ ଅଧିକାର ଆଇନର ସଫଳ କାର୍ଯ୍ୟକାରିତା ହେତୁ  ୨୦୧୫-୧୬ ମସିହାରେ ବିଜୁ ଜନ୍ମ ଶତବାର୍ଷିକୀ ଉତ୍ସବରେ ଶ୍ରେଷ୍ଠ ପଂଚାୟତ ରୂପେ "ସଫଳ ମହିଳା ସରପଂଚ'' ଭାବରେ ପୁରସ୍କୃତ ହୋଇଥିଲି  । ମୋର ସଫଳତା ପାଇଁ ମୁଁ ଅଗ୍ରଗାମୀ ଇ.ୟୁ. ପ୍ରକଳ୍ପ ଦଶମନ୍ତପୁରଙ୍କୁ ଧନ୍ୟବାଦ ଦେଉଛି ।

## Chikamb Sarpanch Saibnai Jani's Story



Saibani Jani Chikamb, Dasmantpur, Koraput

I was sarpanch of Chikamb panchayat from 2012-2016.I didn't know anything about handling this big responsibility and didn't know about rules and regulations. Then Agragamee came and held series of meetings. Several training were held and problems were discussed.In these training programmes, I came to know a lot about RTE, MNREGA,.Forest Rights,Property rights etc.The leaflets and manual helped me and I got an idea about government's welfare programmes.

I tried to bring all the women together. The EU project provided the necessary training about governmental schemes.Pallisabha and Gramsabha was called regularly and women came in large numbers. I participated in panchayat, block and district level awareness workshops.Anganwadi centers were not performing properly. I took the lead and ensured that every child is sent to the center. This changed the practice and the centers became active. We ensured strict attendance of the Anganwadi workers.

People were not interested to work under the MNREGA scheme because they were not getting their wage. As Sarpanch; I assured them of their due wages. In every village labour pools were formed. Then people started working under the MNREGA and got their wages regularly. Check dams were constructed. Leaflets and wall paintings worked wonders. Women are now actively participating in various meetings and they know about all schemes. Our panchayat was adjudged best in 2015-16 and I was awarded as the *best women sarpanch* in Biju Centenary function. I thank Agragamee and EU for this success.

# ନାରୀନେତ୍ରୀ ବେନାରୀ କହଁର

ମୁଁ ବେନାରୀ କହଁର, ଗ୍ରାମ: ସେନିଗୁଡ଼ା, ପଂଚାୟତ : ପାଇରାଜୁ । ଅଗ୍ରଗାମୀ ଇ.ୟୁ. ପ୍ରକଳ୍ପ ଆରମ୍ଭରେ ବିଭିନ୍ନ ପ୍ରକାର ତାଲିମ ନେଲି ଏବଂ ଡେରାକୁମ୍ପା, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଅନେକ ବୈଠକରେ ଯୋଗ ଦେଲି । ଶିକ୍ଷା ଅଧିକାର ଆଇନ, ଅଙ୍ଗନବାଡ଼ି କେନ୍ଦ୍ର କିପରି ପରିଚାଳନା, ଗ୍ରାମସଭା, ନରେଗା ଆଦି ସମ୍ପର୍କରେ ତାଲିମ ନେଲି । ଅଗ୍ରଗାମୀ ଇ.ୟୁ. ପ୍ରକଳ୍ପ ତରଫରୁ ପଂଚାୟତ କାନ୍ଥରେ ଅଙ୍ଗନବାଡ଼ି, ଶିକ୍ଷା ଅଧିକାର ଆଇନ, ମନରେଗା ସମ୍ପର୍କରେ ଲେଖାହୋଇଥିଲା । ଲୋକମାନେ ଏହା ସମ୍ପର୍କରେ ଜାଣିଲେ ଏବଂ ପଂଚାୟତ ଓ ବ୍ଲକରେ ପଚାରିଲେ ।



ବେନାରୀ କହଁର
ଗ୍ରାମ: ସେନିସୁଗା,
ପଂଚାୟତ : ପାଇରାଜୁ,
ବ୍ଲକ : ଫିରିଙ୍ଗିଆ

ମୁଁ ନାଗରିକ ଚେତନା ମଂଚର ସଭ୍ୟା ହେଲି । ପୂର୍ବରୁ ପଂଚାୟତରେ ଚାଉଳ ୩ ମାସ ପର୍ଯ୍ୟନ୍ତ ଦିଆ ହେଉନଥିଲା । ଗ୍ରାମର ମାଆମାନଙ୍କୁ ଏକାଠି କରି ପଂଚାୟତର ତାଲା ପକାଇ ଦେଲୁ । ଏହାପରେ ୩ ମାସର ଚାଉଳ ଏକାଥରରେ ମିଳିଲା । ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନଥିଲା । ମାଆମାନେ ଦାବୀ କରିବା ପରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଗଲା ।

ଗ୍ରାମର ମାଆମାନଙ୍କ ପାଇଁ କାମ କରିବାକୁ ମାଆମାନେ ୱାର୍ଡ଼ମେମ୍ବର ଭାବରେ ନିର୍ବାଚନ ଲଢ଼ିବା ପାଇଁ କହିଲେ । ମୁଁ ୱାର୍ଡ଼ମେମ୍ବର ୨୦୧୭ ନିର୍ବାଚନରେ ନିର୍ବାଚିତ ହୋଇଛି । ବ□ମାନ ୱାଡ଼ମେମ୍ବର ଓ ନାଗରିକ ସଚେତକ ମଂଚର ସଭ୍ୟା ହିସାବରେ ପଂଚାୟତ ସ୍ତରୀୟ ମଦ ବନ୍ଦ ଅଭିଯାନରେ ଭାଗ ନେଇ ପଂଚାୟତରେ ଆନ୍ଦୋଳନ ଜାରି ରଖିଛୁ । ମାଆମାନଙ୍କର ସମସ୍ୟା ସମ୍ପର୍କରେ ଏକାଠି ହୋଇ ଆଲୋଚନା କରୁଛୁ ଏବଂ ସମସ୍ୟା ସମାଧାନ କରିବା ପାଇଁ ପ୍ରୟାସ କରୁଛୁ ।

# Women Leader Benari Kanhar



Benari Kanhar
Senisuga,
Panchayat : Pairaju,
Block : Phiringia,
Dt. Kondhmal

After Agragamee-EU project started, I attended various workshops at different levels. I took training in RTE, Anganwadi centre management, Gramsabha and MNREGA etc. I saw the wall paintings on different programmes. People came to know about this and started asking about them.

I became a member of the Citizen Action Group. I came to know that in our panchyat rice was not being distributed regularly. So we locked the panchayat office. Then we got rice quota of all the three months. After the women raised their demand, the anganwadi centre started functioning.

I was asked to stand for ward member. I got elected and am a now a member of Citizen Action Group. We are continuing the anti-liquor movement in the panchayat. Problems of women are being discussed regularly. And we are trying to solve our problems.

# ଉଲୁକାତୁଣ୍ଡାରେ ଜଳ କଷ୍ଟ ଦୂର ହେଲା



ସୁରେଶ ଉଲାକା
ଉଲୁକାତୁଣ୍ଡା,
ପଂଚାୟତ : ନାକ୍ଟୀ,
ବ୍ଲକ : ରାୟଗଡ଼ା

ଆମ ଗାଁର ମୁଖ୍ୟ ସମସ୍ୟା ଥିଲା ପାଣି । ଗ୍ରାମବାସୀ ପାହାଡ଼ରୁ ଆସୁଥିବା ଝରପାଣି ଉପରେ ହିଁ ନିର୍ଭର କରୁଥିଲେ । ପୂର୍ବରୁ ଝରରେ ଯେତେ ପରିମାଣରେ ଖରାଦିନରେ ପାଣି ଆସୁଥିଲା, ତାହା କମିଗଲାଣି । ପାଣିଝର ଉପରେ ଗ୍ରାମବାସୀଙ୍କ ପିଇବା, ଗାଧେଇବା, ଗାଈଗୋରୁ ଗାଧେଇବା, ଫସଲଆଦି ସବୁ ନିର୍ଭର କରୁଥିଲା । ପାଣି ସମସ୍ୟା ସବୁବେଳେ ଲାଗି ରହୁଥିଲା । ପଂଚାୟତ ଅଫିସରେ ଆମେ ଅନେକ ଥର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛୁ । କିନ୍ତୁ ସବୁ ଦେଖିବା, ହୋଇଯିବ, ଆଦି ଶୁଣୁଥିଲୁ ! ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଗ୍ରାମର ଲୋକଙ୍କ ପାଣି ସମସ୍ୟାକୁ ନେଇ ଆଲୋଚନା ହେଲା । ଗଣମାଧ୍ୟମର ପ୍ରତିନିଧି ଏହି ଗ୍ରାମକୁ ଯାଇଥିଲେ ଏବଂ ସମସ୍ୟା ସମ୍ପର୍କରେ ହୃଦୟଙ୍ଗମ କଲେ । ଗ୍ରାମର ପାଣି ସମସ୍ୟା ସମ୍ପର୍କରେ ଏକ ବହୁଳ ପ୍ରସାରିତ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେଲା । ଏହାର ପରେ ପରେ ପ୍ରଶାସନ ପହଂଚିଲା ଉଲୁକାତୁଣ୍ଡା ଗ୍ରାମରେ । ସଙ୍ଗେ ସଙ୍ଗେ ତିନୋଟି ନଳକୂପ ଖୋଳିବା ପାଇଁ କାର୍ଯ୍ୟାରମ୍ଭ ହେଲା । ବିଦ୍ୟାଳୟ ପରିସରରେ ନଳକୂପ ଖୋଳିବା ଗାଡ଼ି ଯିବାର ସମସ୍ୟା ଥିଲା । ଗ୍ରାମବାସୀ ନିଜ ଶ୍ରମରେ ଗାଡ଼ି ଯିବା ପାଇଁ ସାମୟିକ ରାସ୍ତା କରିଦେଲେ । ଗ୍ରାମବାସୀ ବର୍ତ୍ତମାନ ପ୍ରଶାସନ ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଏବଂ ପାଣିର ବ୍ୟବସ୍ଥା ହୋଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ବର୍ତ୍ତମାନ ଗ୍ରାମରେ ତିନୋଟି ନଳକୂପ ଖୋଳା ହେଲାଣି । ଗ୍ରାମବାସୀ ନଳକୂପର ପାଣି ବ୍ୟବହାର କରୁଛନ୍ତି । ଖରାଦିନ ପୂର୍ବରୁ ଏହି ସମସ୍ୟା ଦୂର ହୋଇଛି ।

ଆମ ଗ୍ରାମର ଅନ୍ୟ ଏକ ସମସ୍ୟା ଥିଲା ରୋଜଗାର ସମ୍ବନ୍ଧୀୟ । ପୂର୍ବରୁ ଗ୍ରାମର ଲୋକମାନେ ଗତ ପାଖାପାଖି ବର୍ଷେ ହେଲା କାମ କରିଥିଲେ, କିନ୍ତୁ ମଜୁରୀ ପାଇନଥିଲେ । ରାୟଗଡ଼ା କୋରାପୁଟର ମୁଖ୍ୟରାସ୍ତାରୁ ଫୁଲକୋଣା ଛକରୁ ବନ୍ଧୁଗାଁ ଯିବା ମୁଖ୍ୟ ରାସ୍ତାରେ ପ୍ରାୟ ୧୮ କି.ମି ଗଲାପରେ ପଡ଼େ ଆମିଲିପୁଟ ଛକ । ଆମିଲିପୁଟ ଛକରୁ ଉଲୁକାତୁଣ୍ଡା ପର୍ଯ୍ୟନ୍ତ ରାସ୍ତା କାମରେ ମଜୁରୀ କାମ କରିଥିବା ରାସ୍ତାକୁ ସେମାନେ ମଜୁରୀ ପାଇନଥିଲେ । ଗ୍ରାମବାସୀ ପଂଚାୟତରେ ବୁଝୁଥିଲେ। ପଇସା ଏକାଉଣ୍ଟରେ ଚଢ଼ିବ, ହେଇଯିବ, ଅପେକ୍ଷା କର, ଦେଖିବା, ଏକାଉଣ୍ଟରେ ଚଢ଼ିବ, ଏହିଭଳି ଉତ୍ତର ମିଳୁଥିଲା । ଗ୍ରାମବାସୀ ଏ ସମ୍ପର୍କରେ ରାୟଗଡ଼ ବ୍ଲକ ସୂଚନା କାର୍ଯ୍ୟାଳୟ ସଂଯୋଜକଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏକ ଅଭିଯୋଗ ପତ୍ର ଲେଖିଲେ । ଇତିମଧ୍ୟରେ ପଂଚାୟତ ତରଫରୁ ଗ୍ରାମବାସୀଙ୍କୁ ମଜୁରୀ ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ଅତିଶୀଘ୍ର ଦେବାପାଇଁ ପ୍ରତିଶ୍ରୁତି ଦିଆଗଲା । ଶେଷରେ ବ୍ଲକ ସୂଚନା କାର୍ଯ୍ୟାଳୟର ପ୍ରଭାବରେ ଗ୍ରାମବାସୀ ମଜୁରୀ ପାଇଲେ । ଆମେ ଆମ ସମସ୍ୟା ସମ୍ପର୍କରେ ପଂଚାୟତରେ କହୁଥିଲୁ । ପଂଚାୟତରେ ରାସ୍ତା ହୋଇଯିବ, ନଳକୂପ ଖୋଳାଯିବ,ମଜୁରୀ ମିଳିଯିବ ବୋଲି କହିଥାଆନ୍ତି । କିନ୍ତୁ କିଛି ହୋଇପାରୁନଥିଲା । ଆମ ଗ୍ରାମରେ ଅନେକ ସମସ୍ୟା ରହିଛି । ଅଙ୍ଗନବାଡ଼ିରେ ଶିକ୍ଷା କାର୍ଯ୍ୟକ୍ରମ ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ହେଉ, ଲୋକଙ୍କ ପରିବେଶଭିତ୍ତିକ ଗ୍ରାମ ବିକାଶ ହେଉ, ଗ୍ରାମର ଏସବୁ କ୍ଷେତ୍ରରେ ବିକାଶର ଆବଶ୍ୟକତା ରହିଛି ।

# How Bore Wells Were Set Up



Suresh Ulaka,
Ulukatunda,
Panchayat : Nakti
Block : Rayagada

The main problem if our village was water. Villagers depended on stream water. In summer days the sources dried up.Eveything from drinking to washing to cattles and agriculture was dependent on the sream water.We reported to the Panchayat office many times. But no one cared about our problems.They kept on lingering. We brought this problem in the media also.This caiught the attention of the authorities. Then the administration reached Ulukatunda. Three bore wells were immediately dug including one in the school campus. Villagers provided land for approach road.

The villagers are now confident that administration can be moved if information reaches them. After the bore wells were dug, water problem is now over.

Another problem of our village was employment. People had worked under government schemes .But they had not got their wages for years together. The road which led to Ulukatunda from Amiliput junction ( 18 kms) was constructed with the laborers from our village. The panchayat office was not listening to the problem and postponed the payment under different pretexts. Then we contacted the block RTI coordinator. We wrote a petition. And the problem got solved.

There are so many problems in our panchayat, like no teacher and no anganwadi staff. All these problems need solution.

# ସମ୍ବାରୁ ଗହିରଙ୍କ ନିଜ କଥା....



ସମ୍ବାରୁ ଗହିର
ଗ୍ରାମ : ସୁଆଁବାହାଲ,
ପଂଚାୟତ : କନ୍ଦୁଟ,
ବ୍ଲକ : ବେଲପଡ଼ା,
ଜିଲ୍ଲା : ବଲାଙ୍ଗିର

ମୋ ନାମ ସମ୍ବାରୁ ଗହିର । ଗ୍ରାମ ସୁଆଁବାହାଲ । ପଂଚାୟତ : କନ୍ଦୁଟ । ବ୍ଲକ: ବେଲପଡ଼ା, ଜିଲ୍ଲା : ବଲାଙ୍ଗିର । ଆମ ଗ୍ରାମରୁ ଦାଦନ ଖଟିବାକୁ ଯାଉଥିଲେ । ଅନେକ ଦେଶାନ୍ତର ହୋଇ କାମ କରିବାକୁ ଯାଇ ଅନେକ ହଇରାଣ ହେଉଥିଲେ । କିନ୍ତୁ ଆମେ ଗ୍ରାମରେ ଆମ ଗାଁ ଶ୍ରମିକ ଦଳ ଗଠନ କଲୁ । ଶ୍ରମିକ ଦଳ ଗଠନ ପରେ ଆମେ ମିଳିତ ଭାବରେ ପଂଚାୟତରେ କାମ ମାଗିବା ହେତୁ ବ□ମାନ ଶତକଡ଼ା ୮୦ ଭାଗ ଦାଦନ ସମସ୍ୟା କମିଯାଇଛି । କାମ ମାଗିଲେ କାମ ମିଳୁଛି । ଆମେ ଆମ ଗାଁରେ ଛୁଇଁମୁଣ୍ଡା ପ୍ରଜେକଟ ବନ୍ଧର ମାଟି ଉନ୍ନତି କରି ୧୦ ଲକ୍ଷ ଟଙ୍କାର କାମ କରି ଗ୍ରାମରେ ପାଣିର ସଂରକ୍ଷଣ କରିଛୁ । ଫଳରେ ବ□ମାନ ଏହାର ପାଣି ଚାଷ କାମରେ ଲାଗୁଛି । ଆମେ କାମ ମାଗି ଆମ ଗାଁର ମୁରିବାହାଲ ରାସ୍ତାର ଉନ୍ନତି କାମରେ ୫ ଲକ୍ଷ ଟଙ୍କାର କାମ ଆଣି କରିପାରିଛୁ ।

ଆମ ଗ୍ରାମରେ ମନରେଗା ଆଇନ ଦ୍ୱାରା ଏଠାର ପ୍ରଥମ କରି ଶ୍ରମିକଦଳ ଗଠିତ ହୋଇଛି । ଓଡ଼ିଶାରେ ଏହି ଗ୍ରାମରେ ପ୍ରଥମ କରି ମନରେଗା ଅଣସଂଗଠିତ ଶ୍ରମିକ ଦଳ ଗଠିତ ହୋଇଛି । ଦଳଗଠନ ହେବା ଦ୍ୱାରା ଆମର ସାହସ ବଢ଼ିଲା ଏବଂ ଆମେ ଗ୍ରାମ ପଂଚାୟତ, ବ୍ଲକକୁ ଯାଇ ଦାବୀ କରି ମନରେଗାରେ ଆମର ନ୍ୟାର୍ଯ୍ୟ ଦାବୀ ପାଇପାରିଛୁ । ଆମ ଦଳରେ ଆମେ ନିୟମିତ ସଂଚୟ କରି ବର୍ତ୍ତମାନ ସୁଧା ୧୫,୦୦୦ ଟଙ୍କା ବ୍ୟାଙ୍କରେ ଜମା କରିପାରିଛୁ । ଆଗାମୀ ଭବିଷ୍ୟତରେ ଉକ୍ତ ଟଙ୍କାକୁ ଅସୁବିଧା ସମୟରେ ବ୍ୟବହାର କରିବା ସହିତ ରୋଜଗାର କରିବା ପାଇଁ ବ୍ୟବହାର କରିବୁ । ଏଣୁ ଶ୍ରମିକ ଦଳ ଦ୍ୱାରା ଆମ ଗାଁ, ଆମ ଶ୍ରମିକମାନଙ୍କର ଉପକାର ହୋଇପାରିଛି । ଏହି ଗ୍ରାମର ଶ୍ରମିକଦଳ ଗଠନକୁ ଦେଖି ମରିବାହାଲ, କନ୍ଦୁଟ, ପଦ୍ମପୁର ଆଦି ନିକଟସ୍ଥ ଗ୍ରାମରେ ମଧ୍ୟ ଗ୍ରାମବାସୀ ମନରେଗା ଶ୍ରମିକ ଦଳ ଗଠନ କରିଛନ୍ତି । ବିଭିନ୍ନ ସମୟରେ ଶ୍ରମିକମାନେ ଏକାଠି ହେବା, ସରକାରୀ ଯୋଜନା ସମ୍ପର୍କରେ ସୂଚନା ପହଂଚିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଶ୍ରମିକ ଦଳ ଗଠନ ଏବଂ ଏହାକୁ ସକ୍ରୀୟ କରିଥିବା ବଲାଙ୍ଗିର ବିକାଶ ପରିଷଦ ସଂସ୍ଥା ତଥା ଇ.ୟୁ. ଅଗ୍ରଗାମୀ ସୂଚନା ପ୍ରକଳ୍ପକୁ ମୁଁ ଧନ୍ୟବାଦ ଜଣାଉଛି ।

# Sambaru Gahir's Anti-migration Story



Sambaru Gahir
At : Suanbahal,
Panchayat : Kanut,
Block : Belapada,
Dist : Bolangir

Migration was a big problem in our village. The people who went to other states in search of work suffered a lot. Then we formed a labor pool and demanded work in the panchayat.The migration problem is now reduced by 80 per cent repaired a local tank by spending 10 lakhs rupees in Chuinmunda project. Water conservation has been possible now and it is being used for agriculture. We got another work of 5 lakhs to improve the village road at Muribahal.

By organizing a group this was possible. We now go to block panchayat and demand work. We have saved a rupees 15 thousand which can be spent in future. This labor group has been a model for others. This has impacted nearby villages - Muribahal, Kanut Padmapur etc.This has been possible because of laborers pooling up themselves. Also, due to information reaching them about government programmes.Bolangir Vikash Parisad and the EU has helped this to happen.

# ସମାଜ କଲ୍ୟାଣ ଦିଗରେ କାମ କରୁଛନ୍ତି ଲୋଚନୀ ମାଝୀ



ଶ୍ରୀମତୀ ଲୋଚନୀ ମାଝୀ
ଗ୍ରାମ ଏବଂ ପଂଚାୟତ : ସୁନାପୁର,
ବ୍ଲକ : ବୋଡ଼େନ,
ଜିଲ୍ଲା : ନୂଆପଡ଼ା

ମୁଁ ଲୋଚନୀ ମାଝି । ଆମ ଅଂଚଳରେ ଅନେକ ସମସ୍ୟା ରହିଛି । ଏହାର ସମାଧାନ ପାଇଁ ମାଆମାନଙ୍କ ସହିତ ଗୁରୁତ୍ୱ ଦେଉଛି । ଆମେ ଗାଁ ଗାଁରେ ମାଆମାନଙ୍କୁ ନେଇ ଅନେକ ଦଳ ଗଠନ କରିଛୁ । ଦଳଗତ ଭାବରେ ମାଆମାନଙ୍କର ସମସ୍ୟା ଲଢ଼ିବା ହେଉଛି । ଏଥିପାଇଁ ରେଶନ କାର୍ଡ଼, ମନରେଗା ଜବ କାର୍ଡ଼ ଆଦି ଆଦି ଲୋକମାନେ କେମିତି ପାଇବେ, ତା'ଉପରେ କାମ କରୁଛୁ । ପଂଚାୟତ ଦ୍ୱାରା ଲୋକମାନେ ସେବା ପାଇପାରିବ, ସେଥିପ୍ରତି ଗୁରୁତ୍ୱ ଦେଉଛୁ । ମୋତେ ଜିଲ୍ଲା ସୂଚନା ଅଧିକାର ମଂଚ ତରଫରୁ ଉପ-ସଭାପତି ଭାବରେ ବାଛିଛନ୍ତି ।

ସରକାରଙ୍କ ତରଫରୁ କଚେରୀରେ ବିନା ମୂଲ୍ୟରେ କିପରି ଲୋକ ଆଇନ ସହାୟତା ପାଇବେ, ସେଥିପ୍ରତି ଦୃଷ୍ଟି ଦେଉଛି । ଆମ ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ତା' ଦିଅର ପିଟିଥିଲା । ମହିଳାଙ୍କୁ ଘରୁ ବାହାର କରିଦେଇଥିଲା । କିଛି ସମ୍ପ□ ଦେବ ନାହିଁ ବୋଲି କହିଥିଲା । ଆମେ ତାହାକୁ ମଗଣା ଆଇନ ସହାୟତା କେନ୍ଦ୍ର ସହିତ କଥାବା□ା କରାଇଦେଲୁ । ଫଳରେ ମହିଳା ଜଣକ ନିଜର ସମ୍ପ□ ପାଇଲେ ।

ଆମ ଅଂଚଳର ଅନେକ ଲୋକ ରେଶନ କାର୍ଡ଼ ପାଇନଥିଲେ । ଆମେ ଏକ ତାଲିକା କରି ଜିଲ୍ଲାପାଳଙ୍କୁ ଭେଟିଥିଲୁ । ଜିଲ୍ଲାପାଳ ଏହା ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଥିଲେ । ଏହାପରେ ଅନେକ ରେଶନ କାର୍ଡ଼ ପାଇଲେ ।

ଗତବର୍ଷ ଆମ ଅଂଚଳର ବିଦ୍ୟାଳୟରେ ପିଲାମାନଙ୍କୁ ଅତି ଶସ୍ତା ଡ୍ରେସ ବ□ା ଯାଇଥିଲା । ପିଲାଙ୍କ ଡ୍ରେସ ପାଇଁ ଟଙ୍କା ଦୁଇଶହ ଥିବା ବେଳେ ଅଶି ନବେ ଟଙ୍କାର ଡ୍ରେସ ବ□ାଗଲା । ଆମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲୁ । ଫଳରେ ଶସ୍ତା ଡ୍ରେସ ସ୍କୁଲ କ□ୃପକ୍ଷ ଫେରାଇ ନେଲେ ଏବଂ ଉ□ମ ମାନର ଡ୍ରେସ ପିଲାଙ୍କୁ ଆଣି ଦେଲେ । ବ□ମାନ ସ୍କୁଲକୁ ନିୟମିତ ଶିକ୍ଷକ ଆସୁଛନ୍ତି । ପାଠପଢ଼ା ହେଉଛି । ପିଲାଏ କିପରି ଭଲ ଖାଦ୍ୟ ପାଇବେ, ସ୍ୱାସ୍ଥ୍ୟ ଭଲ ରହିବ ସେଥିପ୍ରତି ଦୃଷ୍ଟି ଦେଉଛୁ । ସ୍କୁଲ କମିଟିର ସଦସ୍ୟ ସଦସ୍ୟାଙ୍କ ମାଧ୍ୟମରେ ସ୍କୁଲରେ କିପରି ଶିକ୍ଷକମାନେ ଶିଶୁମାନଙ୍କୁ ନିୟମିତ ଭାବରେ ମୂଲ୍ୟାୟନ କରିବେ, ସେଥିପାଇଁ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟସମସ୍ୟାମାନଙ୍କୁ ଆମେ ମାଆମାନେ କହୁଛୁ ।

ଅନେକ ସମୟରେ ମାଆମାନଙ୍କ ସମସ୍ୟା, ଲୋକଙ୍କ ସମସ୍ୟା ନେଇ ବି.ଡ଼ି.ଓ.ଙ୍କୁ ଭେଟୁଛି । ଆବଶ୍ୟକ ହେଲେ ଜିଲ୍ଲାପାଳଙ୍କୁ ଭେଟୁଛୁ । ଲୋକଙ୍କ ସମସ୍ୟା ସମ୍ପର୍କରେ ଜଣାଉଛି । ଏଥିସହିତ ସ୍ୱୟଂ ସହାୟକ ଦଳର ସଦସ୍ୟାମାନଙ୍କୁ ବ୍ୟାଙ୍କ କର୍ମଚାରୀ, ସରକାରୀ କର୍ମଚାରୀ କିପରି ସମ୍ମାନର ସହ କଥା ହେବେ, ସେଥିପ୍ରତି ଦୃଷ୍ଟି ଦେଉଛୁ । ଆମେ ମାଆମାନଙ୍କୁ ନେଇ ଆଦିବାସୀ ମହାସଂଘ କରିଛୁ । ଏହି ଆଦିବାସୀ ମହାସଂଘ ମାଧ୍ୟମରେ ଏହି ଅଂଚଳର ମାଆମାନଙ୍କ ସମସ୍ୟାକୁ ନିରାକରଣ କରିବା ପାଇଁ ପ୍ରୟାସ କରୁଛୁ । ମାଆମାନଙ୍କ ସମସ୍ୟା ନେଇ ଆବଶ୍ୟକ ବେଳେ ବି.ଡ଼ି.ଓ, ଜିଲ୍ଲାପାଳଙ୍କୁ ଦେଖା କରି ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରୁଛୁ ।

# Women Strength



Smt. Lochani Majhi
Panchayat : Sunapur,
Block : Boden ,
District : Nuapada

There are number issues in our area. We women sit together and discuss. We have formed many groups and fight for our rights .We work on issues of ration card, job card etc. We focus on how panchayats can help people. I was chosen vice-president of District RTE forum. We also focus on free legal aid in courts. One widow from our village had a dispute with her family. She was driven out of the ancestral house. We sought the help of legal aid cell and she got back her rights.

Similarly, many people had not got their ration cards. We made a list and sent it to Collector. Then they got their cards. Last year, students in our area had got school uniform made of cheap cloth. We reported this matter to Block education Offcer.He ordered calling back the dresses and they were replaced by good cloth.

Teachers are regularly coming to school. We take care of the midday meal, health and good education of children. Village education committee takes keen interest in students 'welfare.

Women meet the Block Development Officer most of the times with their problems.If needed, we meet the Collector. We teach SHG group members manners and how to deal with government officers. We have formed a tribal federation locally. And we try to solve the problems.

# ସୂଚନା ମାଧ୍ୟମରେ ସଶକ୍ତିକରଣ



ଶ୍ରୀ କୁଞ୍ଜବନ ମେହେର
ନାଗରିକ ଚେତନା ମଂଚର
ସଦସ୍ୟ,
ଗ୍ରାମ-ପଂଚାୟତ: ବେଲପଡ଼ା

ବଲାଙ୍ଗିର ଜିଲ୍ଲାର ବେଲପଡ଼ା ବ୍ଲକର କାନୁଟ୍ ପଂଚାୟତର ମୁରିବାହାଲ ଏକ ରାଜସ୍ୱ ଗ୍ରାମ । ଆମ ଗ୍ରାମର ଘର ସଂଖ୍ୟା ୧୪୦ । ୧୪୦ଟି ପରିବାର ମଧ୍ୟରୁ ୫୬ ଘର ଆଦିବାସୀ, ୩୩ ଘର ହରିଜନ ଏବଂ ୫୧ ଘର ଅନ୍ୟାନ୍ୟ ପରିବାରର । ମୋଟ ଜନସଂଖ୍ୟା ହେଉଛି ୫୦୧ ।

ଆମ ଗ୍ରାମରେ ପ୍ରଥମରୁ ପଂଚମ ଶ୍ରେଣୀଯାଏ ପ୍ରାଥମିକ ସ୍କୁଲ ରହିଛି । କିନ୍ତୁ ୨୦୧୪ ମସିହାରୁ ୨ଜଣ ଶିକ୍ଷକ ଥିବା ବେଳେ ଜଣେ ଶିକ୍ଷକ ଅନିୟମିତ ରହୁଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଶିକ୍ଷା ଅଧିକାର ଆଇନ ତଥା ପ୍ରାଥମିକ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକାର କର୍ମଶାଳା ଓ ତାଲିମ ପାଇବା ଦ୍ୱାରା ସେମାନେ ଶିକ୍ଷକଙ୍କୁ ନିୟମିତ ସ୍କୁଲ ଆଣିବାରେ ସଫଳ ହେଲେ । ୭୮ ଜଣ ଛାତ୍ରଛାତ୍ରୀ ନିୟମିତ ବିଦ୍ୟାଳୟକୁ ଆସି ଯୋଗ ଦେଲେ । ଏଥିସହିତ ବିଦ୍ୟାଳୟ ପରିଚାଳନା କମିଟିର ହସ୍ତକ୍ଷେପ ଏବଂ ଦାବୀ ଫଳରେ ନୂତନ ଭାବରେ ଏକ ଶିକ୍ଷକ ନିଯୁକ୍ତି ପାଇଲେ ।

ଆମ ଗାଁର ଆଉ ଏକ ସଫଳକାହାଣୀ ହେଲା କିଛି ବର୍ଷ ପୂର୍ବରୁ ଉକ୍ତ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ୨୨୫,୦୦୦ ଟଙ୍କା ଅନୁଦାନ ଆସିଥିଲା । କିନ୍ତୁ ପ୍ରଧାନ ଶିକ୍ଷକ ସ୍କୁଲଘର କାମକୁ ଅଧାରେ ରଖି ଦେଇଥିଲେ । ଅନେକ ସମୟରେ ପିଲାମାନେ ଘରକୁ ବାହାରିଥିବା ଲୁହାରଡ଼ରେ ଦୁର୍ଘଟଣା ଘଟି ଆଘାତ ପ୍ରାପ୍ତ ହେଉଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ନେତୃତ୍ୱରେ ସ୍ଥାନୀୟ ସରପଂଚ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କୁ ଭେଟି ସ୍କୁଲ ସମସ୍ୟା ସମ୍ପର୍କରେ ଜଣାଇଲେ । ଫଳରେ ବିଦ୍ୟାଳୟକୁ ଅନୁଦାନ ମିଳିବା ସହିତ ବିଦ୍ୟାଳୟ କୋଠାରୀ ସମ୍ପୂର୍ଣ୍ଣ ହୋଇଛି । ଏହା ବ୍ୟତୀତ ଗ୍ରାମରୁ ଦାଦନ ଯାଉଥିବା ଛାତ୍ରଛାତ୍ରୀମାନେ ସୂଆଁବାହାଲ ରତୁଭିକ ଛାତ୍ରାବାସୀରେ ରହି ଅଧ୍ୟୟନ କରିପାରୁଛନ୍ତି । ବିଦ୍ୟାଳୟରେ ନୂତନ ଭାବରେ ପାଚେରୀ ମଧ୍ୟ ତିଆରି ହୋଇପାରିଛି । ମହିଳାମାନେ ପଲ୍ଲୀସଭା ଓ ଗ୍ରାମସଭାରେ ଯୋଗ ଦେଇ ନିଜ ନିଜର ମତାମତ ଜଣେଇ ପାରୁଛନ୍ତି । ଗ୍ରାମରେ ୧୦ଟି ମହିଳା ସ୍ୱୟଂ ସହାୟକ ଦଳ ମାଧ୍ୟମରେ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଋଣ ଆଣି କୃଷି, ଛୋଟ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି ।

୨୦୧୪ ମସିହାରୁ ଆମ ଗ୍ରାମରେ ଅଗ୍ରଗାମୀ-ୟୁରୋପିୟାନ ୟୁନିୟନର ମିଳିତ ପ୍ରକଳ୍ପ ସହାୟତାରେ ବଲାଙ୍ଗିର ବିକାଶ ପରିଷଦ ଦ୍ୱାରା ସୂଚନା ମାଧ୍ୟମରେ ଲୋକଙ୍କ ଜୀବନଜୀବିକାର ଉନ୍ନତି ପାଇଁ ପ୍ରଚେଷ୍ଟା ଦ୍ୱାରା ସବୁ ସମ୍ଭବ ହୋଇପାରିଛି । ବିଭିନ୍ନ ସମୟରେ ବଲାଙ୍ଗିର ବିକାଶ ପରିଷଦ ସଂଯୋଜନାରେ ସଂଯୋଜକ, ସଚେତକ, ନାଗରିକ ମଂଚ ଏକାଠି ହୋଇ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଂଚାଇ ପାରିଛନ୍ତି ଏବଂ ଏହା ଦ୍ୱାରା ଗ୍ରାମବାସୀ ଉପକୃତ ହୋଇଛନ୍ତି । ଏଥିସହିତ ବଲାଙ୍ଗିର ବିକାଶ ପରିଷଦର ସହାୟତାରେ ଆମ ଗ୍ରାମର କେତେକ ଗ୍ରାମବାସୀ ବ୍ଲକ, ଜିଲ୍ଲା ତଥା ରାଜ୍ୟସ୍ତରୀୟ କେତେକ କର୍ମଶାଳା, ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇପାରିଛନ୍ତି, ଅନେକ ବିଷୟ ଜାଣିପାରିଛନ୍ତି ଏବଂ ଏହା ଅନ୍ୟାନ୍ୟା ଗ୍ରାମବାସୀଙ୍କୁ ଜଣାଇବା ଦ୍ୱାରା ଆମ ଗ୍ରାମର ବିକାଶ ଦିଗରେ ସହାୟତା ହୋଇଛି ।

# Empowerment through RTI



Kunjaban Meher
Member, Citizen
Awareness Group ,
Panchayat : Belpada

Muribahal is a revenue village in Belapada block of Bolangir district. There ais 140 families out of which 56 are tribals.Total population is 501. There is a primary school in our village up to class 5.Since 2014 only one teacher was regular to school. Village education committee members having got trained in RTE and various other programmes brought teachers regularly to school.78 children turned up to school. With intervention from VEC another teacher was appointed.

Another success story of our village is there was a sanction of Rs 2,50,000 for an additional school building. But the Head Master left the construction half way. Students who came out of classes often met with accidents. This problem was brought to the notice of sarpanch, Block and District Education Officer and also the Collector. Now the school building is complete. Also students who migrated during lean season are now residing I the residential school. There is a new compound wall too.

Women are now taking part in Pallisabha and Gramsabha and discuss about various problems. Ten SHGs have brought loan of 2 lakhs from banks and have invested in small business as well as agriculture.

Since 2014, Agragamee –EU joint project with the help of Bolangir Vikash Parisad has made this possible. Members of this Paridsad have got training at various levels and this has helped the villagers. Right to information has really empowered the people.

# ଅପହଂଚ ଅଂଚଳର ସଫଳ ମହିଳା : ମରିଚଗୁଡ଼ାର ସୁନ୍‌ଦେଇ ସାଉନ୍ତା



ଶ୍ରୀମତୀ ସୁନାଦେଇ ସାଉନ୍ତା ଉପ-ସଭାପତି,
ଜିଲ୍ଲାସ୍ତରୀୟ ସୂଚନା ଅଧିକାର ମଂଚ,
କୋରାପୁଟ, ମରିଚଗୁଡ଼ା, ଦଶମନ୍ତପୁର

କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ । ଦଶମନ୍ତପୁର ବ୍ଲକର ଚିକାମ୍ବ ପଂଚାୟତ । ଚିକାମ୍ବ ପଂଚାୟତର ଗ୍ରାମ ମରିଚଗୁଡ଼ା । ମରିଚଗୁଡ଼ା ଗ୍ରାମରେ କିଛିବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହୋଇଛି ଏବଂ ସେ ପରିବର୍ତ୍ତନ ଆଣିବାରେ ସୁନ୍‌ଦେଇ ଏବଂ ମାଆମାନଙ୍କର ଭୂମିକା ରହିଛି । ଗାଆଁରେ ନିୟମିତ ଭାବରେ ବିଦ୍ୟାଳୟ ଚାଲୁଅଛି, ନିୟମିତ ସ୍କୁଲ ପରିଚାଳନା କମିଟିର ବୈଠକ ହେଉଛି । ଏଥିସହିତ ଶିକ୍ଷକ ସ୍କୁଲର ବିକାଶ, ପିଲାଙ୍କ ପାଠପଢ଼ା ସମ୍ପର୍କରେ ନାଗରିକ ଚେତନା ମଂଚ, ସ୍କୁଲ ପରିଚାଳନା କମିଟିଙ୍କ ସହିତ ଆଲୋଚନା କରୁଛନ୍ତି । ବର୍ତ୍ତମାନ ମରିଚଗୁଡ଼ାରେ ଶିକ୍ଷକ ରହୁଛନ୍ତି, ବିଦ୍ୟାଳୟକୁ ଶିଶୁମାନେ ନିୟମିତ ଯାଉଛନ୍ତି । ଏଥିସହିତ ଗ୍ରାମର ଝିଅ ପ୍ରଥମ କରି ୧୦ମ ପାସ କରି କଲେଜରେ ନାମ ଲେଖାଇଛନ୍ତି । ସୁନ୍‌ଦେଇ ସାଉନ୍ତା ନାଗରିକ ଚେତନା ମଂଚର ସଦସ୍ୟ ଅଛନ୍ତି । ଏହି ଅଂଚଳର ଲୋକ ବିକାଶ, ମାଆମାନଙ୍କ ସମସ୍ୟା ଦୂରିକରଣ,ସ୍ୱାସ୍ଥ୍ୟ ସଚେତନତା, ସରକାରୀ ଯୋଜନା ମାଆମାନଙ୍କୁ କିପରି ପହଂଚିବ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ଗ୍ରାମର ତଥା ପଂଚାୟତର ବିକାଶ ନିମନ୍ତେ ଆଗେଇ ଆସୁଛନ୍ତି, ନିଜେ ଉଦାହରଣ ହେଉଛନ୍ତି । ଅନ୍ୟମାନଙ୍କୁ ପ୍ରେରଣା ଓ ସହଯୋଗ ଯୋଗାଇ ଦେଉଛନ୍ତି ।

ଶ୍ରୀମତୀ ସୁନ୍‌ଦେଇ ଗ୍ରାମରେ ସମସ୍ତ ଯୋଗ୍ୟ ମାଆମାନେ କିପରି ରେସନ୍ କାର୍ଡ଼ ଯୋଗ୍ୟ ହିତାଧିକାରୀ ପାଇବେ, ସେଥିପ୍ରତି ଦୃଷ୍ଟି ଦେଇଛନ୍ତି । ଅଙ୍ଗନବାଡ଼ି କାର୍ଯ୍ୟକ୍ରମ ସମ୍ପର୍କରେ ମାଆମାନଙ୍କ ସଚେତନତା ‘ଳରେ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଠିକ୍ ଭାବରେ ଚାଲିଛି । ପୂର୍ବରୁ ପ୍ରତିମା ଦିଦି ଅଙ୍ଗନବାଡ଼ି ଚଲାଉଥିଲେ, ବର୍ତ୍ତମାନ ସେ ଅବସର ନେଇଛନ୍ତି । ପୁଣି ନୂଆ ଭାବରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଜଏନ କରିବେ ବୋଲି କହନ୍ତି । ବର୍ତ୍ତମାନ ଆଶା କର୍ମୀ ଗ୍ରାମରେ ରହୁଛନ୍ତି । ତାଙ୍କ ପାଖରେ ଡାକ୍ତରି ଔଷଧ ରହୁଛି । ଏଥିସହିତ ବୁଧୁବାର/ଗୁରୁବାରରେ ସପ୍ତାହ ଥରେ ଦଶମନ୍ତପୁରରୁ ମେଡ଼ିକାଲ ଟିମ୍ ଆସନ୍ତି । ସେମାନେ ଯାହାର ଯାହା କିଛି ସମସ୍ୟା ଥିଲେ, ଔଷଧ ଦେଉଛନ୍ତି ।

ଶ୍ରୀମତୀ ସୁନ୍‌ଦେଇଙ୍କଠାରୁ ଅନେକ ସମୟରେ ସରପଂଚ, ଓ୍ୱାଡ଼ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ମରିଚଗୁଡ଼ା ତଥା ଚିକାମ୍ବ ଅଂଚଳର ବିକାଶ ନିମନ୍ତେ ପରାମର୍ଶ ନିଅନ୍ତି । ସୁନ୍‌ଦେଇ ଦଶମନ୍ତପୁର ମହିଳା ମହାସଂଘ ମାଧ୍ୟମରେ ମାଆମାନଙ୍କୁ ଏକଜୁଟ କରିବା, ସେମାନଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ, ମନରେଗା, ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କରେ ସଚେତନ କରେଇଥାଆନ୍ତି । ସୁନ୍‌ଦେଇଙ୍କ ମତରେ ଚିକାମ୍ବ ପଂଚାୟତରେ ଅନେକ ପରିବର୍ତ୍ତନରେ ହୋଇଛି । ଲୋକମାନଙ୍କର ସଚେତନତା ବଢ଼ିଛି । ପିତାମାତା ନିଜ ନିଜର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଉଛନ୍ତି । ବିଦ୍ୟାଳୟ ନିୟମିତ ଚାଲିଛି । ଗ୍ରାମର ଝିଅମାନେ ମଧ୍ୟ ଆଶ୍ରମ ସ୍କୁଲ ତଥା ବାହାର ସ୍କୁଲରେ ପଢ଼ିଲେଣି । ଲୋକଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବଢ଼ିଛି। ସବୁଠାରୁ ବଡ଼କଥା ହେଲା ପଲ୍ଲୀସଭା, ଗ୍ରାମସଭାରେ ମାଆମାନଙ୍କର ଭାଗିଦାରିତା ଏବଂ ଯୋଗଦେବା ସଂଖ୍ୟା ବଢ଼ିଛି । ସୁନ୍‌ଦେଇ ଏବଂ କେତେକ ମାଆ ମିଶି ମାଆମାନଙ୍କୁ ବିଭିନ୍ନ ବିଷୟରେ ସଭାସମିତି ମାଧ୍ୟମରେ କେବଳ ନବୁଝେଇ ଅନୌପଚାରିକ ଭାବରେ ଯେତେବେଳେ ଭେଟ ହୁଏ, ସେତେବେଳେ ଆଲୋଚନା କରନ୍ତି । ମାଆମାନେ ବିଧବା ଭତ୍ତା, ରେଶନ କାର୍ଡ଼, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନାରେ ଭାଗ ନେଉଛନ୍ତି । ମାଆମାନଙ୍କର ସର୍ବନିମ୍ନ ଆବଶ୍ୟକତାର ପୂରଣ ଓ ଗୋଷ୍ଠୀଗତ ବିକାଶ ଦିଗରେ ଗୁରୁତ୍ୱ ଦେଉଛନ୍ତି । ମରିଚଗୁଡ଼ାର ଅନ୍ୟ କଥା ହେଲା ଏ ଗ୍ରାମରେ ଲୋକମାନେ ଜୈବିକ ସାର ତଥା ସବୁଜ ସାର ବ୍ୟବହାର କରି ଫସଲ କରୁଛନ୍ତି । ପାରମ୍ପରିକ କୃଷି ତଥା ଧାନ ସହିତ ମାଣ୍ଡିଆ, କାଙ୍ଗୁ, କୋଶଲା, ମକା ଆଦି ଫସଲ କରୁଛନ୍ତି । କିଛିଜଣ ପନିପରିବା ଚାଷ କରି ନିକଟସ୍ଥ ଦଶମନ୍ତପୁର ହାଟରେ ନେଇ ବିକ୍ରୀ କରୁଛନ୍ତି, ଦୁଇପଇସା ପାଉଛନ୍ତି । ସୁନ୍‌ଦେଇ ଜୈବିକ କୃଷି, ପ୍ରାକୃତିକ କୃଷି ସମ୍ପର୍କରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସୁନ୍‌ଦେଇ ମାଆମାନଙ୍କୁ ପାରମ୍ପରିକ କୃଷିକୁ ଗୁରୁତ୍ୱ ଦେବା ପାଇଁ ବୁଝାଉଛନ୍ତି । ନିଜେ ପାରମ୍ପରିକ ଚାଷ କରୁଛନ୍ତି । ନିଜର ଅଧିକ ପନିପରିବା ଅମଳ ହେଲେ ଦଶମନ୍ତପୁର ହାଟରେ ନେଇ ବିକ୍ରୀ କରୁଛନ୍ତି । କୌଣସି ବ୍ୟବସାୟୀଙ୍କୁ ବିକ୍ରୀ ନକରି ନିଜର ଅମଳକୁ ସିଧାସଳଖ କେତ୍ରାଙ୍କୁ ବିକ୍ରୀ କରୁଛନ୍ତି । ଗ୍ରାମରେ କେହି ୟୁକାଲିପଟାସ ଗଛ ଲଗାଇନାହାନ୍ତି କିମ୍ବା ପଡ଼ିଆ ଛାଡୁନାହାନ୍ତି ବୋଲି ଶ୍ରୀମତୀ ସୁନ୍‌ଦେଇ ସାଉନ୍ତା କହନ୍ତି । ସୁନ୍‌ଦେଇଙ୍କ ଭଳି ଅନେକ ମାଆମାନେ ଅଛନ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ସମାଜର ବିକାଶ, ଗୋଷ୍ଠୀର ବିକାଶ ନିମନ୍ତେ ସାମିଲ ଅଛନ୍ତି । ଆଦିବାସୀ ଅଂଚଳରେ ମାଆମାନେ ବ୍ୟକ୍ତିଗତ ବିକାଶ ବଦଳରେ ଗୋଷ୍ଠୀଗତ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି । ଗୋଷ୍ଠୀଗତ ବିକାଶ ହିଁ କୌଣସି ସମାଜର ବିକାଶରେ ସହାୟତା ହୋଇଥାଏ । ଶ୍ରୀମତୀ ସାଉନ୍ତା ଅଗ୍ରଗାମୀ ତରଫରୁ ବିଭିନ୍ନ ତାଲିମ, କର୍ମଶାଳାରେ ଯୋଗ ଦେବା ଦ୍ୱାରାଦ୍ୱାରା ହିଁ ଆଜି ସ୍ୱାଭିମାନ ଓ ନିର୍ଭିକ ସହ ଯେକୌଣସିଙ୍କ ସହ କଥା ହେଉଛନ୍ତି ଏବଂ ଗ୍ରାମର ବିକାଶ ପ୍ରକ୍ରିୟା ଓ ସମାଜର ବିକାଶରେ ସାମିଲ ହୋଇଛନ୍ତି ବୋଲି ନିଜେ କହନ୍ତି । ମାଆମାନେ ଶିକ୍ଷା, ସ୍ୱାସ୍ଥ୍ୟ, ନରେଗା, ଖାଦ୍ୟ ନିରାପତ୍ତା ତଥା ସରକାରଙ୍କ ସହାୟତା କିପରି ସିଧାସଳଖ ସେମାନଙ୍କ ନିକଟରେ ପହଂଚିବ ଏବଂ ମାଆମାନେ ଉପକୃତ ହେବେ, ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ।

# Success at Door Steps



Mrs. Sundei Saunta
Vice-President,
District RTI Forum,
Koraput
Marichaguda,
Dasmantpur Block

Marichguda is a village in Chikamba Panchayat of Dasamantpur Block in Koraput district. In the past few years, this village has changed a lot thanks to the efforts of Sundei and other women in the village. One big improvement is in the school. Teachers are now attending school regularly and children make it to school without fail. Even girls have started going to colleges. Sundei's job is to ensure that every government schemes reaches the beneficiary whether it is ration card health facilities and other benefits. Most important achievement is making the women aware of their rights.Resultantly; the village is witnessing all round development. Running the Anganwadi efficiently, ensuring enough medicines with the Asha Karmis, coordinating the weekly visits of the medical team, facilitating Indira Awas Yojana/ PM Awas Yojana, widow pensions are among the many responsibilities Sundei shoulders. For every development initiative she is now consulted by the Panchayat and Zilla Parishad.Getting the women to meetings of Pallisabha and Gramsabha and all other mandatory meetings are the other responsibilities she handles. Marichguda is now into organic farming. Producing traditionally and marketing the products in the local market has enhanced the villager's financial capacity. There are no middlemen here and agriculturally the village has remarkable achievements. There are no eucalyptus plantation, neither there is fallow land. Besides Sundei, there are other women who have equally been participating in the development process. Community development alongside awareness is the mainstay here. Some women like Srimati Saunta attend workshops and trainings for which their awareness levels have risen.Marichaguda is fitting examples of tribal women who are living graciously within their own means.

# ଶ୍ରୀମତୀ ଜଟଣୀ କହଁରଙ୍କ ନିଜ କଥା

ମୁଁ ଜଟଣୀ କହଁର, ମୋତେ ୬୦ରୁ ଅଧିକ ବର୍ଷ ହେବ । ଜାତି : କୁଇ । ସ୍କୁଲକୁ ଯାଇନାହିଁ। ଆମ ସମୟରେ ସ୍କୁଲ ନଥିଲା। ଆମର ଗାଁ ହେଉଛି କିର୍ଲିକୁମ୍ପା, ଲୁଇସିଂ ପଂଚାୟତ, ବ୍ଲକ ଫିରିଙ୍ଗିଆ, ଜିଲ୍ଲା ଫୁଲବାଣୀ। ବର୍ତ୍ତମାନ ସରକାରୀ ଯୋଜନା ସମ୍ପର୍କରେ ମାଆମାନେ ଜାଣିବା ଦ୍ୱାରା ଆମ ଅ□ଳର ମାଆମାନଙ୍କ ସମସ୍ୟା ମାଆମାନେ ଏକାଠି ହେଉଛୁ । ମୁଁ ନିଜେ ମାଆମାନଙ୍କୁ ସାହସ ଦେଉଛି ଏବଂ ମାଆମାନେ ଆଗକୁ ବାହାରୁଛନ୍ତି । ମୁଁ ମାଆମାନେ କିପରି ସମାଜ ପରିବ□ନର ବାର୍ତ୍ତାବହ ହେବେ ? ନିଜ ଅଂଚଳର ମାଆମାନେ ଯେଉଁମାନେ ସମସ୍ୟାରେ ରହୁଛନ୍ତି, ସେହି ସମସ୍ୟାରୁ କିପରି ମୁକୁଳିବେ ? ସରକାରଙ୍କର ଯେଉଁ ଯୋଜନାଗୁଡ଼ିକ ରହିଛି, ସେହି ଯୋଜନାର ସୁବିଧା କିଭଳି ନେଇପାରିବେ ? ମହିଳା ମଣ୍ଡଳ ମାଧ୍ୟମରେ କିପରି ମାଆମାନଙ୍କର ଉନ୍ନତି ହୋଇପାରିବ, ପରସ୍ପରର ସାହାଯ୍ୟ କରିବେ, ସଚେତନ କରିବେ, ଅଧିକ କିଛି ଜାଣିବେ, ସେଥିପାଇଁ ମଧ୍ୟ କାମ କରୁଛି।



ଶ୍ରୀମତୀ ଜଟଣୀ କାହଁର,
କିର୍ଲିକୁମ୍ପା,
ଲୁଇସିଂ ପଂଚାୟତ,
ବ୍ଲକ : ଫିରିଙ୍ଗିଆ,
ଜିଲ୍ଲା : କନ୍ଧମାଳ

ମୁଁ ଅନେକ ଗ୍ରାମ ଚାଲି ଚାଲି ବୁଲିଛି । କନ୍ଧମାଳ ଜିଲ୍ଲାର କେତେକ ବ୍ଲକ ତଥା ଅନେକ ବାହାର ଜିଲ୍ଲାକୁ ମଧ୍ୟ ଯାଇଛି । ସରକାରୀ ଯୋଜନାରେ ମାଆମାନେ କିପରି ଉପକୃତ ହେବେ, ଅଙ୍ଗନବାଡ଼ି କେନ୍ଦ୍ର କିପରି ସଠିକ୍ ଚାଲିବ, ନିଜ ଅଞ୍ଚଳର ସ୍କୁଲ କିପରି ଭଲ ଚାଲିବ, ସେ ସମ୍ପର୍କରେ ମୋର ଆଗ୍ରହ ରହିଛି, ଏବଂ ମାଆମାନଙ୍କୁ ବୁଲି ବୁଲି ବୁଝାଉଛି । ଆମର ଗୋଟିଏ ଫିରିଙ୍ଗିଆ ମହିଳା ମହାସଂଘ ବୋଲି ଏକ ସଂଘ ରହିଛି । ମାଆମାନେ ଗ୍ରାମର ପରିବେଶଭିତ୍ତିକ ବିକାଶରେ ଭାଗ ନେବେ, ଏଥିରେ ମହିଳା ମଣ୍ଡଳଗୁଡ଼ିକ କିପରି ବିକାଶ କରିବେ, ଏବଂ ସରକାରୀ କଲ୍ୟାଣମୂଳକ ଯୋଜନାଗୁଡ଼ିକ ହିତାଧିକାରୀ ମାଆମାନେ ପାଇବେ ଏବଂ ସେଥିରୁ କିପରି ବଂଚିତ ନହେବେ, ସେ ସମ୍ପର୍କରେ ଚେଷ୍ଟା କରୁଛି । । ମାଆମାନେ ବୁଲି ବୁଲି ନାଗରିକ ଚେତନା ମଞ୍ଚ, ଜାଞ୍ଚ କମିଟିର ସଦସ୍ୟାମାନଙ୍କୁ ସେମାନଙ୍କର ଦାୟିତ୍ୱ, କ□ବ୍ୟ ବୁଝାଉଛୁ, ଆବଶ୍ୟକ ବେଳେ ସହଯୋଗ କରୁଛୁ । ମଝିରେ ମଝିରେ ମିଟିଂ କରୁଛୁ । ସମସ୍ୟା କିପରି ନିରାକରଣ କରାଯିବ, ସେଥିପ୍ରତି ଦୃଷ୍ଟି ଦେଉଛୁ । କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକରେ ଅନେକ ଗ୍ରାମରେ ମଦବିରୋଧୀ ଆନ୍ଦୋଳନ ହେଉଛି । ମଦ ହେତୁ କନ୍ଧ ପରିବାରର ସଂସାର ଉଜୁଡ଼ିଯାଉଛି ! ମାଆମାନେ ଅନେକ ଏକାଠି ହୋଇ ମଦବିରୋଧୀ ଆନ୍ଦୋଳନ କରୁଛୁ । ମୋତେ ଖରାପ ଲାଗୁଛି ଲୋକମାନଙ୍କ ସଚେତନତାର ଅଭାବ ସମ୍ପର୍କରେ । ମୁଁ ବୁଲି ବୁଲି ମାଆମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ନରେଗା, ମାନବିକ ଅଧିକାର ସମ୍ପର୍କରେ ବୁଝାଉଛି । ମୁଁ ଅନେକ ଥର ଅଗ୍ରଗାମୀର ବିଭିନ୍ନ ସମୟରେ ଟ୍ରେନିଂ ନେଇଛି । ମାଆମାନଙ୍କୁ ନେଇ ଗାଁ ଗାଁ ବୁଲି ଲୋକଙ୍କୁ ବୁଝାଉଛି। ମାଆମାନଙ୍କର ସମସ୍ୟାକୁ ନେଇ ବ୍ଲକରୁ ଆରମ୍ଭ କରି ଜିଲ୍ଲା କାର୍ଯ୍ୟାଳୟର ମଧ୍ୟ ଭେଟୁଛି । ମାଆମାନେ ଯେପରି ଦେଶାନ୍ତର ଯିବେ ନାହିଁ, ନିଜ ଅଂଚଳର ପ୍ରାକୃତିକ ସମ୍ପଳର ଉପଯୁକ୍ତ ବିନିଯୋଗ କରିବେ, ସରକାରୀ ସହାୟତା ପାଇବେ, ସେଥିପ୍ରତି ସେ ମଧ୍ୟ ମାଆମାନଙ୍କୁ ବୁଝାଉଛି । ପଂଚାୟତରେ କିମ୍ବା ଅନ୍ୟ ପଂଚାୟତରେ ଅଙ୍ଗନବାଡ଼ି କେନ୍ଦ୍ର ଠିକ୍ ଭାବରେ ପରିଚାଳନା ନହେଲେ, ସ୍କୁଲ ସମସ୍ୟା, ନରେଗାରେ କାମ ଆଦି ଯେଉଁଠି କିଛି ଭୁଲ ଦେଖୁଛି, ସେଠାରେ ଯାଇ ମାଆମାନଙ୍କୁ ଧରି ଯାଇ ବୁଝାଉଛି, ନଶୁଣିଲେ ବ୍ଲକ କିମ୍ବା ଜିଲ୍ଲାସ୍ତରରେ ଯାଇ ଅଭିଯୋଗ କରୁଛି । ମୁଁ ଓ ଆମ ଅଂଚଳର କେତେକ ମାଆ ମିଶି ନିଜ ଜାତି, ସମାଜ, ଗୋଷ୍ଠୀ ତଥା ସମାଜର ବିକାଶ ଦିଗରେ କାମ କରୁଛୁ।

# A Success Story from Kandhmal



Mrs. Jatani Kanhar
CAG Member,
Phiringia Block
at: Kirlikumpa,
Phiringia

Jatani Kanhar. Age 60 years. She never went to school. It has become a routine job for her to look after the problems of women. She is the inspiration for numerous women who barely knew anything about government schemes.Jatani not only educates herself she ensures that everyone else should know about the various benefits being provided by the government.

She has been to various places and meetings and tried to know about running of schools, Anganwadi centers etc. She is the president of Phiringia Mahila Anchalika Mohasangh. She ensures that more and more women come to the meetings; take part in various development al works and interact with officials. In the meetings they try to find solutions to their problems. One big achievement of this group is anti-liquor campaign. They have been successful about stopping country liquior being sold locally - the bane of Kondh families. Jatani is worried that her neighbors don’t know about MGNREGS, health schemes and their rights. So she meets women at leisure and explains about utilization of natural resources, bad effects of migration. She also makes it a point to bring to the notice of the higher officials whenever there are lapses in delivery.

# ବିଦ୍ୟାଳୟ ପରିଚାଳନା କମିଟି ଓ ନାଗରିକ ଚେତନା ମଂଚର ପ୍ରଚେଷ୍ଟାରେ ନୂତନ ସ୍କୁଲଗୃହ ନିର୍ମାଣ ଓ ବିଦ୍ୟାଳୟ ନିୟମିତ ଚାଲିଲା ।



ଶ୍ରୀ ଭଗତ କଲାକୁରା ଶରିଗଗୁଡ଼ା,
ପଂଚାୟତ : ଭେଜାଗୁଡ଼ା,
ବ୍ଲକ: ମାଥିଲି ,
ଜିଲ୍ଲା: ମାଲକାନଗିର

ମୋର ନାମ ଶ୍ରୀ ଭଗତ କଲାକୁରା । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଭେଜାଗୁଡ଼ା ପଂଚାୟତର ଶରିଗଗୁଡ଼ା ରହିଛି ପ୍ରାଥମିକ ବିଦ୍ୟାଳୟ । ମୁଁ ଏହି ବିଦ୍ୟାଳୟର ସଭାପତି ରହିଛି । ଏଠାରେ ଶତକଡ଼ା ୯୦ ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର । ଶରିଗଗୁଡ଼ା ରାସ୍ତା କଡ଼ରେ ହିଁ ବିଦ୍ୟାଳୟ ରହିଛି । ବର୍ତ୍ତମାନ ବିଦ୍ୟାଳୟର ମୋଟ ଛାତ୍ର ଛାତ୍ରୀସଂଖ୍ୟା ହେଉଛନ୍ତି ୫୦ ଜଣ । ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଅଛନ୍ତି। ସେମାନେ ଗାଁରେ ନରହି ୩୦/୫୦ କିଲୋମିଟର ଦୂରରୁ ଯିବା ଆସିବା କରନ୍ତି । ଅନେକ ସମୟରେ ବିଦ୍ୟାଳୟରେ ବିଳମ୍ବରେ ପହଂଚୁଥିଲେ । ଶିକ୍ଷକ ବିଳମ୍ବରେ ସ୍କୁଲରେ ପହଂଚିବା ଘଟଣାକୁ ବିଦ୍ୟାଳୟ କମିଟିର ଅନେକ ଥର ଉପରିସ୍ଥ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, କିନ୍ତୁ କିଛି ପରିବର୍ତ୍ତନ ହୋଇନଥିଲା

ଆମ ଗାଁ ବିଦ୍ୟାଳୟରେ ଦୁଇଟି ଶ୍ରେଣୀଗୃହରୁ ଗୋଟିଏ ହିଁ ଶ୍ରେଣୀଗୃହ କାର୍ଯ୍ୟକାରୀ ଥିଲା। ଏଥିପାଇଁ ସ୍କୁଲ ପରିଚାଳନା କମିଟି, ନାଗରିକ ଚେତନା ମଂଚର ସଦସ୍ୟା ସଦସ୍ୟା ଆଲୋଚନା କଲୁ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତି ନେଲୁ । ଆମେ ଗ୍ରାମବାସୀ ମିଳିତ ଭାବରେ ଥରେ ଜିଲ୍ଲାପାଳଙ୍କ ନିକଟରେ ଆମ ଗ୍ରାମର ଶିକ୍ଷା ସମସ୍ୟା, ସ୍କୁଲ ଘର ସମ୍ପର୍କରେ ଯାଇ ଭେଟି ଜଣାଇଲୁ । ଜିଲ୍ଲାପାଳ ମହୋଦୟ ଆମକୁ ଏହାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଲେ। ଏହାପରେ ଅତିରିକ୍ତ ଶ୍ରେଣୀଗୃହ କୋଠରୀ ପାଇଁ ଅନୁଦାନ ମଞ୍ଜୁରୀ ହେଲା । ପୂର୍ବରୁ ଶରିଗଗୁଡ଼ାର ପ୍ରାଥମିକ ଶିକ୍ଷକ ନୂତନ ଗୃହ ନିର୍ମାଣ ପାଇଁ ଆସିଥିବା ପାଉଣା ଟଙ୍କା ଅଧା ସ୍କୁଲ ଘର ତିଆରି କରି ବନ୍ଦ କରିଦେଇଥିଲେ । ଦୁଇବର୍ଷ ପର୍ଯ୍ୟନ୍ତ ସ୍କୁଲ ଘର କାର୍ଯ୍ୟ ସ୍ଥଗିତ ହୋଇ ରହିଥିଲା । ଏହା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିଥିଲେ ଏବଂ ପ୍ରଧାନ ଶିକ୍ଷକ ଦୁଇବର୍ଷ କାଳ ତାଙ୍କ ପଦରୁ ସସପେଣ୍ଡ ହୋଇଥିଲେ। ବିଦ୍ୟାଳୟକୁ ନିୟମିତ ଭାବରେ ଶିକ୍ଷକ ଆସୁନଥିଲେ । ନାଗରିକ ଚେତନା ମଂଚର ବୈଠକ ପରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଏ ବିଷୟରେ ସଚେତନ କରାଗଲା । ଯଦି ନିୟମିତ ନଆସିବେ, ତେବେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ସତର୍କ କରାଗଲା । ବର୍ତ୍ତମାନ ନିୟମିତ ଭାବରେ ଶିକ୍ଷକ ବିଦ୍ୟାଳୟକୁ ଆସୁଛନ୍ତି । ଶିକ୍ଷାଦାନ ଠିକଠାକ ଚାଲିଛି ।

ବର୍ତ୍ତମାନ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟାକ୍ରମ ନିୟମିତ ଦିଆହେଉଛି । ସ୍କୁଲ ପରିଚାଳନା କମିଟି ଏବଂ ନାଗରିକ ଚେତନା ମ□ର ସଦସ୍ୟାମାନଙ୍କ ସଚେତନତା ଦ୍ୱାରା ସ୍କୁଲର ପରିଚାଳନା ବର୍ତ୍ତମାନ ଠିକ ହେଉଛି । ଆମର ନାଗରିକ ଚେତନା ମଂଚ□ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ଅଧିକ ସଚେତନ ହୋଇଛନ୍ତି । ଗ୍ରାମବାସୀ ବିଦ୍ୟାଳୟର ଶିକ୍ଷକଙ୍କୁ ସହଯୋଗ କରୁଛନ୍ତି । ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। ବିଦ୍ୟାଳୟର ପରିଚାଳନା କମିଟିର ସବୁକାମ ସମ୍ପର୍କରେ ତାଲିମ ପାଇବା, ନାଗରିକ ଚେତନା ମଂଚର ସହଯୋଗ ଏବଂ ଆମର ଅଧିକାର ସମ୍ପର୍କରେ ଜାଣିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି । ବର୍ତ୍ତମାନ ଗାଁ ଲୋକ ମିଳିମିଶି ସ୍କୁଲ ଚାରିପଟ ପାଚେରି କରିଛନ୍ତି । ବର୍ତ୍ତମାନ ବିଦ୍ୟାଳୟକୁ ନେଇ ଗ୍ରାମବାସୀ ଖୁସୀ ଅଛନ୍ତି ।

# How a School Got New Lease of Life



Mr. Bhagat Kolakura,
CAG Member,
Sarigguda,
Vejaguda, Matili

Bhagat Kalkura.He belongs to Serigiguda village of Bhejaguda Panchayat in Mathili block of Malkangiri district. He is the president of a local School Education Commitee(SMC). Ninety per cent of the villagers here are tribals.The school has fifty students and two teachers. But the teachers were staying some 30 kms away which often resulted in late-arrival. This was brought to the notice of higher authorities with no result.

Of the two class rooms only one was functional. The members of the Citizen Action Group (CAG) met the Collector and reported the inadequacies. He assured the members of corrective action.Additiinal funds were sanctioned. The Headmaster had earlier misappropriated the government funds and was suspended from job. The members of the citizen forum were alerted about teacher absenteeism. Warnings were sent to them. Now everything is alright.Classes and mid-day meal programme are running well perfectly. The school has got a new lease of life. With increasing awareness, villagers and citizen committee members are taking interest in all developmental activities as well as government schemes. Education in the village got a complete face-lift.

# ଫଟକିମହୁଲରେ ସଚେତନତା ଦ୍ୱାରା ଗ୍ରାମର ବିକାଶ



ସୁରେଖା ପ୍ରଧାନୀ
ସି.ଏ.ଜି. ସଭ୍ୟା
ଗ୍ରାମ - ଫଟକିମହୁଲ,
ବ୍ଲକ-ଥୁଆମୁଲ ରାମପୁର,
ଜିଲ୍ଲା- କଳାହାଣ୍ଡି ।

ମୁଁ ସୁରେଖା ପ୍ରଧାନୀ । ଗ୍ରାମ ଫଟକିମହଲ । ମୁଁ ନାଗରିକ ଚେତନା ମଂଚର ସଦସ୍ୟା ରହିଛି । ଆମ ଗାଁରେ ଅଗ୍ରଗାମୀ ପ୍ରକଳ୍ପ ତରଫରୁ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଅଙ୍ଗନବାଡ଼ିର କାର୍ଯ୍ୟକ୍ରମ, ଏମ୍.ଜି.ଏନ୍.ଆର.ଇ.ଜି.ଏ. ମମତା ଯୋଜନା ଖାଦ୍ୟ ସୁରକ୍ଷା ଯୋଜନା ଲୋକମାନେ ଜାଣି ପାରିଲେ । ଗାଁର ସମସ୍ୟା ସରକାରି ଅଧିକାରୀ ଯଥା- ବି.ଡି.ଓ, ସି.ଡି.ପି.ଓ ଜିଲ୍ଲାପାଳ, ଖାଦ୍ୟ ଯୋଗାଣ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇ ସମସ୍ୟାର ସମାଧାନ କରି ପାରିଛନ୍ତି । ଅଗ୍ରଗାମୀ, ଇୟୁ ପ୍ରକଳ୍ପ ଦ୍ୱାରା ସୂଚନା କାନ୍ଥ ଲେଖା ଯାଇଛି । ଏଥିରେ ସରକାରୀ ଯୋଜନା ବିଷୟରେ ସୂଚନା, ସମନ୍ୱିତ ଶିଶୁ ବିକାଶ ଯୋଜନା ପଲ୍ଲୀସଭା, ଗ୍ରାମରେ ପୁଷ୍ଟିକର ଖାଦ୍ୟ, ମଧ୍ୟାହ୍ନ ଭୋଜନ, ପରିମାଣ ବିଷୟରେ ଆମେ ଜାଣି ପାରିଛୁ । ଆଗାମୀ ଦିନରେ ଆମ ଗାଁକୁ ଏକ ସଚେତନ ଗାଁରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖିଅଛୁ ।

ଆମ ଗାଁରେ ବିଦ୍ୟାଳୟରେ ନିୟମିତ ଚାଲୁ ନଥିଲା । ଶିକ୍ଷକମାନେ ନିୟମିତ ଆସୁନଥିଲେ । ମଧ୍ୟାହ୍ନ ଭୋଜନ ମଧ୍ୟ ଶିଶୁମାନେ ଠିକ୍‌ରେ ପାଉନଥିଲା । ପାଠପଢ଼ା ମଧ୍ୟ ଠିକ୍ ହେଉ ନଥିଲା । ଉକ୍ତ ପ୍ରକଳ୍ପ ମାଧ୍ୟମରେ ଗାଁର ସି.ଏ.ଜି. ମାନଙ୍କ ସହଯୋଗରେ ବିଭାଗର ଅଧିକାରୀଙ୍କୁ ଦାବୀକଲୁ ଫଳରେ ନିୟମିତ ବିଦ୍ୟାଳୟ ଚାଲୁଛି । ଶିକ୍ଷକ ମାନେ ନିୟମିତ ଆସୁଛନ୍ତି । ସେହିପରି ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନିୟମିତ ଚାଲୁନଥିଲା । ବର୍ତ୍ତମାନ ନିୟମିତ ଚାଲୁଛି । ମହିଳାମାନେ ଆଗକୁ ବାହାରି ପାରିଛନ୍ତି । ମହିଳାମାନେ ସଭାସମିତିରେ କମ୍ ଯୋଗ ଦେଉଥିଲେ । ବର୍ତ୍ତମାନ, ମହିଳା ଅଧିକ ସଂଖ୍ୟାରେ ଭାଗ ସଭାସମିତିରେ ଭାଗ ନେଉଛନ୍ତି । ପୁଅ, ଝିଅମାନେ, ବିଦ୍ୟାଳୟକୁ ନିୟମିତ ଯାଉଛନ୍ତି । ଅଧାରୁ ପାଠପଢ଼ା ଛାଡିବା କମିଛି । ଗର୍ଭବତୀ ମହିଳାମାନେ ଡାକ୍ତରଖାନା ଯାଇ ପ୍ରସୂତି ହେଉଛନ୍ତି । ମମତା ଯୋଜନା ମାଧ୍ୟମରେ ପ୍ରାୟ ମହିଳା ଉପକୃତ ହୋଉଛନ୍ତି । ପ୍ରତିଷେଧକ ଟୀକା ଗର୍ଭବତୀ ମହିଳା ଓ ଶିଶୁମାନେ ନିୟମିତ ନେଉଛନ୍ତି । ଏହିସବୁ ଇୟୁ ପ୍ରକଳ୍ପ ମାଧ୍ୟମରେ ସଫଳ ହୋଇଛି ।

ଆଗାମୀ ଦିନରେ ଆମ ଗ୍ରାମକୁ ଏବଂ ସ୍ୱାସ୍ଥ୍ୟ ସଚେତନ ଗାଁରେ ପରିଣତ କରିବା ସହିତ ମହିଳା ମାନଙ୍କୁ ଏକଜୁଟ କରି ଗାଁର ସମସ୍ୟା ଦୂରିକରଣ ହୋଇପାରିବ ବୋଲି ଆଶା ରଖିଛି ।

# Village Development through Awareness



Surekha Pradhani
Fatkimahal village,
Thuamul-Rampur block
Kalahandi district

Surekha Pradhani of Fatkimahal is an active member of the Citizen Action Group (CAG). According to her, after Agragamee came people could know about various programmes like education, health, ICDS, MNREGS, Mamata and Food security schemes. By bringing to the knowledge of higher officers about the problems the villagers could actually solve the issues. There are awareness campaigns throughout where all government schemes are highlighted. The villagers are keen to develop their village into a developed one.

Neither schools were running properly nor Anganwadi centres. After intervention, is everything fine now. The women folk used to be silent observers. Now they are taking active part in health, education and development. Pregnant mothers and infants are well protected through health supplements. All these have been possible because of the EU project of Agragamee.

The goal is to take the development and awareness to newer levels.

# ସୂଚନା ମାଧ୍ୟମରେ ମାଆମାନଙ୍କର ସଶକ୍ତିକରଣ ନିମନ୍ତେ ଅଂଟା ଭିଡ଼ିଛନ୍ତି ଶ୍ରୀମତୀ ତିଳୋତ୍ତମା ଘିଭେଲା



ଶ୍ରୀମତୀ ତିଳୋଲଉମା ଘିଭେଲା
ସାଗୁନଭାଡ଼,
ମୁଡ଼ପଦର ଜି.ପି.,
ବଙ୍ଗୋମୁଣ୍ଡା, ବଲାଙ୍ଗୀର

ଶ୍ରୀମତୀ ତିଳୋତ୍ତମା ଘିଭେଲା, ସାଗୁନଭାଡ଼, ମୁଡ଼ପଦର ଜି.ପି., ବଙ୍ଗୋମୁଣ୍ଡା ମୁଁ ପାଂଚଟି ପଂଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ମନରେଗା, ଅଙ୍ଗନବାଡ଼ି, ଗ୍ରାମସଭା, ପଲ୍ଲୀସଭା ଆଦି ବିଷୟରେ ମାଆମାନଙ୍କୁ ସଚେତନ କରାଉଛି । ପୂର୍ବରୁ ମୋତେ ମୋ ଗାଁ ଲୋକ ଖାଲି ଜାଣିଥିଲେ । ବର୍ତ୍ତମାନ ମୋତେ ଅନେକ ପଂଚାୟତର ଲୋକ ଜାଣିଲେଣି । କାରଣ ମୁଁ ସରକାରଙ୍କ ଯେଉଁ ଯୋଜନାଗୁଡ଼ିକ ରହିଛି, ସେ ସମ୍ପର୍କରେ ଲୋକମାନଙ୍କୁ ଜଣାଉଛି , କେମିତି ସୁଯୋଗ ପାଇବେ, ସେ ସମ୍ପର୍କରେ ସହାୟତା କରୁଛି । ମୋର ପଂଚାୟତର ମନରେଗା କାମର ବକେୟା ଲୋକମାନଙ୍କୁ ମିଳିପାରିଛି । ମୋ ଗ୍ରାମର ଅଙ୍ଗନବାଡ଼ି ଦିଦି ସବୁଦିନ ପାଇଁ ପୂର୍ବରୁ ଆସୁନଥିଲେ। ବର୍ତ୍ତମାନ ସବୁଦିନ ଆସୁଛନ୍ତି । ଖାଦ୍ୟ ମଧ୍ୟ ଛୁଆମାନଙ୍କୁ ପୂର୍ବଭଳି ଅବହେଳା ନକରି ଏବେ ଭଲଭାବରେ ଅଣ୍ଡା, ଜଳଖିଆ, ଭଲ କରି ଦେଉଛି, ସୂଚନା ପାଇବା ଦ୍ୱାରା ଆମ ଗାଁରେ ଅନେକ ପରିବର୍ତ୍ତନ ହୋଇଛି ବୋଲି ଭାବୁଛି ।

ମୁଁ ଲୋକମାନଙ୍କୁ ସରକାରୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଛି ଓ ଲୋକମାନଙ୍କୁ ଦରଖାସ୍ତ ଓ କାହାପାଖକୁ ଲେଖିକାମ ହାସଲ କରିହେବ, ତାହା ଜଣାଉଛି । ସଚେତିକା ଭାବରେ ନାରୀ ସଶକ୍ତିକରଣ, ମହିଳା ସଂଘ, ସ୍ୱୟଂ ସହାୟକ ଦଳର ପରିଚାଳନା ସମ୍ପର୍କରେ ଦାୟିତ୍ୱ ନେଇଛି । ମୁଁ ମୋ ଗୋଷ୍ଠୀ ଲାଗି ମହିଳାମାନଙ୍କୁ ଏକାଠି କରି ନାରୀ-ସଶକ୍ତିକରଣ ଓ ମହିଳା ସଂଘର କାର୍ଯ୍ୟଗୁଡ଼ିକ କିଭଳି କରିବା ତାହା ମାଆମାନଙ୍କୁ ସାହାଯ୍ୟ କରିଛି । ମୋ ଦ୍ୱାରା ଅନେକ ଲୋକଙ୍କର ସମସ୍ୟାଗୁଡ଼ିକ ସମାଧାନ ହୋଇଛି । ସୂଚନା ପ୍ରକଳ୍ପ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କେନ୍ଦ୍ରରେ କେଉଁଦିନ କ'ଣ ଖାଇବାକୁ ଦିଆଯିବ, ସେ ସମ୍ପର୍କରେ କାନ୍ଥ ଲେଖା ହେବା ପରେ ଗ୍ରାମବାସୀ ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରିଥିଲେ ଏବଂ ସେ ଅନୁସାରେ ଶିଶୁଙ୍କୁ ଖାଦ୍ୟ ଦେବାକୁ ଦାବୀ କରିଥିଲେ । କାନ୍ଥଲେଖା, ଶିକ୍ଷଣସାମଗ୍ରୀ ଲିଫଲେଟ୍ ଦ୍ୱାରା ଲୋକଙ୍କ ମଧ୍ୟରେ ଅନେକ ଯୋଜନା ସମ୍ପର୍କରେ ସୂଚନା ଜାଣିପାରୁଛନ୍ତି । ହାଟରେ ବଂଟାଯାଉଥିବା ଲିଫଲେଟ ଦ୍ୱାରା ନିଜେ କିମ୍ବା ଅନ୍ୟମାନଙ୍କ ଦ୍ୱାରା ଏହାକୁ ପଢ଼ି ଏବଂ ଜାଣି ଗ୍ରାମବାସୀ ଅନେକ ବିଷୟରେ ସଚେତନ ହେଉଛନ୍ତି । ଗ୍ରାମସଭା ଏବଂ ପଲ୍ଲୀସଭାରେ ବହୁମାତ୍ରାରେ ଲୋକେ ଅଂଶଗ୍ରହଣ କରୁଛନ୍ତି ଏବଂ ନିଜର ହକ୍‌ରେ ନେଇ ଦାବୀ କରୁଛନ୍ତି । ଗ୍ରାମବାସୀ ବିଦ୍ୟାଳୟ ଶିକ୍ଷା, ଶିକ୍ଷକ, ଅଙ୍ଗନବାଡ଼ି, ମନରେଗା ଉପରେ ପ୍ରଶ୍ନ କରୁଛନ୍ତି । ମାଆମାନେ ମଧ୍ୟ ଏକାଠି ହୋଇ ପାଂଚଟି ଅତ୍ୟାବଶ୍ୟକ ବିଷୟ ଯଥା ଶିକ୍ଷା, ଅଙ୍ଗନବାଡ଼ି, ରୋଜଗାର, ଗ୍ରାମସଭା, ଇତ୍ୟାଦି ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ଦେଖାଉଛନ୍ତି ଏବଂ ନିଜର ଅଧିକାର ସମ୍ପର୍କରେ ଦାବୀ କରୁଛନ୍ତି ।

# Empowerment through Information



Ms. Tilatoma Ghivela
Sagunbadi, Mudupadar,
Bangamunda

Tilottama Ghivela is a well-known name in Bongomunda block.Her duty is to make women of five Panchayat to know more about education, health, MGNREGS, Gramsabha, Pallisabha etc. From an ordinary social worker she has become an important functionary of her community. She informs people about government schemes and solves their problems. MGNREGS workers are regularly getting compensation, Anganwadi workers are regularly coming to the centres.Even the mid-day meal has improved a lot and kids are getting better food. All these have been possible due to increased awareness. Yet another responsibility of Tilottama is let women know about various government agencies and the kind of benefit they should avail. From women empowerment to women's forum and self-help groups she takes the lead and create an opportunity for others to learn. Because of her reentless efforts there is a lot of improvement in the delivery system. Prior to her involvement nobody knew about the various schemes and programmes.Now there is all-round change and women are beginning to ask questions which they were not able to do earlier.

# ସମାଜର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଛନ୍ତି ଶ୍ରୀମତୀ ଦୁର୍ଗା ମାଣ୍ଡି



ଶ୍ରୀମତୀ ଦୁର୍ଗା ମାଣ୍ଡି
ବ୍ଲକ : ଠାକୁରମୁଣ୍ଡା,
ପଂଚାୟତ :
କେନ୍ଦୁଜିଆଣୀ,
ଜିଲ୍ଲା : ମୟୂରଭଞ୍ଜ

ମୁଁ ଶ୍ରୀମତୀ ଦୁର୍ଗା ମାଣ୍ଡି, ସରପଂଚ । ପଂଚାୟତ: କେନ୍ଦୁଜିଆଣୀ,ବ୍ଲକ: ଠାକୁରମୁଣ୍ଡା, ଜିଲ୍ଲା: ମୟୂରଭଞ୍ଜ । ଆମ ପଂଚାୟତରେ ମୋଟ ରାଜସ୍ୱ ଗ୍ରାମ ୧୦ ଗୋଟି । ଡୁମୁରିଜିହା, ଅଶନବଣୀ, ସାରୁବିଲ, ବଡ଼ିବିଲି, ଜଡିବେଡ଼ା, ଖୁଂଟାକଟା, କେନ୍ଦୁଜିଆଗାଁ, ଛେରା ଟାଙ୍ଗର, ପଡ଼ିଆର ସାହି, ସୁନାରୀପୋଷି । ପଂଚାୟତରେ ବର୍ତ୍ତମାନ ସୁଧା ୩୫ଟି ସ୍ୱୟଂସହାୟକ ଗୋଷ୍ଠୀ ଅଛି । ଏହି ପଂଚାୟତରେ ହୋ ଓ ସାନ୍ତାଳ ସମ୍ପ୍ରଦାୟ ଲୋକମାନେ ଅଧିକ ସଂଖ୍ୟାରେ ବାସ କରୁଛନ୍ତି । ପ୍ରଥମେ ସମସ୍ତେ ଉନ୍ନୟନ ମୂଳକ ଯୋଜନା କ'ଣ ଏହା ଜାଣି ନଥିଲେ । ମୋ ସରପଂଚ□ ସମୟରେ ପ୍ରତ୍ୟେକ ଗ୍ରାମରେ ପଲ୍ଲୀସଭା ବୈଠକରେ ପଂଚାୟତର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେଉଛି । ପଂଚାୟତମାନଙ୍କର ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ଆଣି କିପରି ଆଣିପାରିବ ତାହା ପ୍ରଥମେ ପଲ୍ଲୀସଭାରେ ଆଲୋଚନା ହେଉଛି । ଆବଶ୍ୟକ ସ୍ଥଳେ ପୁନର୍ବାର ମଧ୍ୟ ଗ୍ରାମକୁ ଯାଇ ତାଙ୍କର ଗୋଷ୍ଠୀର ସମସ୍ତ ସଭ୍ୟାମାନଙ୍କ ସହିତ ମୁଁ ଆଲୋଚନା କରୁଛି । ପ୍ରଥମେ ଆମ ଆଦିବାସୀ ଝିଅ-ବୋହୁମାନେ ଯେ କୌଣସି ବୈଠକକୁ ଡାକିଲେ ବୈଠକ ଆସୁ ନଥିଲେ କିନ୍ତୁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହେଲା ପରେ ଅଧିକାଂଶ ମହିଳା ଗ୍ରାମର ପଲ୍ଲୀସଭା ଏବଂ ପଂଚାୟତରେ ହେଉଥିବା ଗ୍ରାମସଭାରେ ଯୋଗ ଦେଉଛନ୍ତି ଏବଂ ତାଙ୍କର ମତାମତ ପ୍ରକାଶ କରୁଛନ୍ତି । ଆଦିବାସୀ ବହୁଳ ଅଂଚଳ ପ୍ରଥମେ ଲୋକମାନେ ଅଧିକ ପରିବାରରେ ନିଶାଦ୍ରବ୍ୟ ବ୍ୟବହାର କରୁଥିଲେ କିନ୍ତୁ ବର୍ତ୍ତମାନ ସେ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ହୋଇଛି । ଯେଉଁ ସ୍ତ୍ରୀଲୋକମାନେ ତାଙ୍କର ପିଲାମାନଙ୍କର ଯତ୍ନ ଏବଂ ବିଦ୍ୟାଳୟକୁ ପଠାଉ ନଥିଲେ ବର୍ତ୍ତମାନ ସଚେତନ ହୋଇ ତାଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଉଛନ୍ତି । ସାକ୍ଷରତା, ଶିକ୍ଷା ଏବଂ ସଚେତନତା  କ୍ଷେତ୍ରରେ ମହିଳାମାନଙ୍କର ଅନେକ ପରିବର୍ତ୍ତନ ହୋଇଛି ।

ଗାଁ ଗହଳିର ସ୍ତ୍ରୀ ଲୋକମାନେ ପ୍ରଥମେ ଡାକ୍ତରଖାନା କହିଲେ ଭୟ କରୁଥିଲେ । ଗୁଣିଗାରିଡି, ପୂଜାପାଠକୁ ବିଶ୍ୱାସ କରୁଥିଲେ । ଏପରିକି ମ୍ୟାଲେରିଆ ଜ୍ୱର ହୋଇଥିଲେ ମଧ୍ୟ ପୂଜାକୁ ବିଶ୍ୱାସ କରୁଥିଲେ । କିନ୍ତୁ ବର୍ତ୍ତମାନର ସମୟରେ ଯେକୌଣସି ପରିବାର ସଦସ୍ୟ ଜ୍ୱର ହେଲେ ସେହି ମହିଳା ପ୍ରଥମେ ଡାକ୍ତରଖାନାକୁ ଯିବା ପାଇଁ ଆମ୍ବୁଲାନ୍ସକୁ କଲ କରି ଡାକି ଡାକ୍ତରଖାନାକୁ ରୋଗୀ ନେଉଛନ୍ତି । ଡାକ୍ତରଖାନାରେ ଗର୍ଭବତୀ ପ୍ରସବ ନିମନ୍ତେ "ଆଶା'' ସହିତ ଡାକ୍ତରଖାନାକୁ ଯାଉଛି ମା' ଏବଂ ଶିଶୁ ।

ପ୍ରଥମେ ପରିବାରର ମୁଖ୍ୟ କହିଲେ କେବଳ ପୁରୁଷମାନଙ୍କୁ ହିଁ ଭାବୁଥିଲେ । କିନ୍ତୁ ବର୍ତ୍ତମାନ ରାସନ୍ କାର୍ଡ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦ୍ୱାରା ମାଆମାନେ ଅନୁଭବ କଲେଣି ଯେ ମହିଳା ହିଁ ପରିବାରର ମୁଖ୍ୟ । ମହିଳାମାନଙ୍କ ନାମରେ ସରକାରଙ୍କର ଯୋଜନା କାର୍ଯ୍ୟ କରୁଛି । ମନରେଗା କାର୍ଯ୍ୟରେ ମଧ୍ୟ ସ୍ୱାମୀ ଏବଂ ସ୍ତ୍ରୀ ଉଭୟଙ୍କର ମଧ୍ୟରେ ସ୍ୱାମୀର ଅଲଗା  ଓ ସ୍ତ୍ରୀ ଅଲଗା ଏକାଉଂଟରେ ଟଙ୍କା ଦିଆଯାଉଛି । ସେଥିରେ ମଧ୍ୟ ପରିବର୍ତ୍ତନ ଆସିଛି । ପୂର୍ବରୁ ସ୍ୱାମୀମାନେ ଏହାକୁ ହାକିମାତି ଦେଖାଇ ଉଭୟଙ୍କର ରୋଜଗାରକୁ ସ୍ୱାମୀଙ୍କର ବୋଲି ଦାବୀ କରୁଥିଲେ । କିନ୍ତୁ ବର୍ତ୍ତମାନର ତାହା ନାହିଁ । ସ୍ତ୍ରୀ ତାର ସୁବିଧା ମୁତାବକ ନିଜ ଟଙ୍କା ନିଜଜମା ଖାତାରେ ନିଜେ ଉଠାଣ କରୁଛି । ଚଳିତ ବର୍ଷ ଲକ୍ଷ୍ୟ ରହିଛି ପଂଚାୟତ ପ୍ରତି ଗାଁରେ ମାଆମାନେ ଦଳଗତ ଭାବେ ଏନ୍‌ଆର୍‌ଇଜିଏସ୍ କାମ ଦାବିକରି ଗାଁକୁ କାମ ଆଣି ପାରିଛନ୍ତି ।

# Committed to Social Development



Ms. Durgi Mandi
Kendujiani,
Thakuramunda

Durgi Mandi is a bright example of how social development can be taken to doorsteps. There are 10 revenue villages in this panchayat and 35 self-help groups. These villages are inhabited by Ho and Santal communities. They had initially no clue about the various benefits extended by the government. After Durgi Mandi became active, all are now aware of their rights. Meetings of Pallisabha and Gramsabha are held regularly. There are discussions taking about livelihood. Previously girls and women members of families showed no interest to come to the meetings. Now there is improved attendance in these meetings and members are seen taking active part. One big problem in the area excessive liquor consumption. But now, Men are no more consuming liquor. Those women who never sent their children to schools are doing that now. Literacy has gone up so also attendance in schools.

Women were previously afraid of going to health centers and superstitious practices were rampant. Now they visit health centers, call ambulances on emergency. Institutional delivery has vastly superior now and expectant mothers are assisted by ASHA workers. Even the mindsets have changed. Previously male members used to call the shots. Now all records are in the name of female members including bank accounts. The new target is to demand job under MGNREGS. No Doubt, Durgi Mandi is exceptionally popular in her area. She has contested local Election and has elected thrice as the Sarpanch. She has slown the highest quality of leadership demnstrating her commitment to develop her area and people.

# ମହିଳା ନେତ୍ରୀ ଶକୁନ୍ତଳା ନାୟକଙ୍କ ଅଡ୍ରୀ ପଂଚାୟତର ବିକାଶକୁ ନେଇ ସ୍ୱପ୍ନ



**ଶ୍ରୀମତୀ ଶକୁନ୍ତଳା ନାୟକ**
**ବ୍ଲକ : ଥୁଆମୂଳ ରାମପୁର,**
**ପଂଚାୟତ : ଅଡ୍ରି,**
**ଜିଲ୍ଲା : କଳାହାଣ୍ଡି**

**ଶ୍ରୀମତୀ ଶକୁନ୍ତଳା ନାୟକ, ପଂଚାୟତ ଅଡ୍ରୀ, ୱାର୍ଡ ନଂ-୭,ବ୍ଲକ ଥୁଆମୂଳ ରାମପୁର, ଜିଲ୍ଲା- କଳାହାଣ୍ଡି:** ମୁଁ ଅଡ୍ରୀ ପଂଚାୟତର ନାଏବ ସରପଂଚ□ ହେବା ପାଇଁ ମୋ ମନରେ ଦୃଢ ବିଶ୍ୱାସ ରଖିଥିଲି । ସତକୁ ସତ ୱାର୍ଡ ମେମ୍ବରମାନଙ୍କ ଦ୍ୱାରା ମାର୍ଚ୍ଚ ୧୧ ତାରିଖ ଦିନ ଅଡ୍ରୀ ପଂଚାୟତର ନାଏବ ସରପଂଚ□ ଭାବେ ମନୋନୀତ ହେଲି । ବର୍ତ୍ତମାନ, ଅଡ୍ରୀ ପଂଚାୟତର ନାଏବ ସରପଂଚ□ ଭାବେ କାର୍ଯ୍ୟ କରୁଅଛି । ଆଗାମୀ ୫ ବର୍ଷ ଭିତରେ ଆମ ପଂଚାୟତର ଗରିବ, ନିରାଶ୍ରୟ, ଦୁଃଖି ଦରିଦ୍ରମାନଙ୍କ ମୁଁ ସାହାଯ୍ୟ କରିବି । ସରକାରଙ୍କ ତରଫରୁ ଆସୁଥିବା ଇନ୍ଦିରାଆବାସ, ସାମାଜିକ ସୁରକ୍ଷା, ବିଜୁ ପକ୍କାଘର ଯୋଜନାରେ ଉପଯୁକ୍ତ ଓ ଗରିବ ଲୋକମାନଙ୍କୁ ସାମିଲ କରିବାକୁ  ନିଷ୍ପତି ନେବି । ଏହା ସହିତ ମମତା ଯୋଜନାରେ ଆମ ପଂଚାୟତର ପ୍ରଥମ, ଦ୍ୱିତୀୟ ଗର୍ଭବତୀ ସମସ୍ତେ ଯୋଜନାରେ ସୁବିଧା ପାଇ ପାରିବେ ଏଥିପ୍ରତି ଧ୍ୟାନ ଦେବି । ଆମ ପଂଚାୟତ ଅଧିନରେ ଥିବା ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସ ଏବଂ ଡାକ୍ତରମାନେ କେମିତି ନିୟମିତ ରହିବେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ଠିକ୍‌ଭାବେ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବି ।

ଅଡ୍ରୀ ପଂଚାୟତର ପ୍ରତ୍ୟେକ ଗ୍ରାମ ପରିଦର୍ଶନ କରି ଗାଁରେ ଥିବା ସମସ୍ତ ପାଠପଢ଼ା ପୁଅ-ଝିଅମାନଙ୍କୁ ବିଦ୍ୟାଳୟର ନାମ ଲେଖାଇ ପାଠ ପଢ଼େଇବା ପାଇଁ ଅଭିଭାବକମାନଙ୍କୁ ବୁଝାଇବି । ଯେଉଁ ଗାଁରେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ନାହିଁ ଉକ୍ତ ଗାଁରେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ପାଇଁ ପ□ାୟତ ବୈଠକରେ ନିଷ୍ପ□ି ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣେଇବା ପାଇଁ କହିବି । ଯେଉଁ ଗାରେ ରାସ୍ତା ଓ ପିଇବା ପାଣି ସମସ୍ୟା ଅଛି ଉକ୍ତ ଗାଁର ସମସ୍ୟା ତୁରନ୍ତ ସମାଧାନ ପାଇଁ ପଂଚାୟତ ବୈଠକରେ ନିଷ୍ପତି ନେବି । ଯଦି ସମସ୍ତ ୱାର୍ଡମେମ୍ବର ସାହାଯ୍ୟ ସହଯୋଗ କଲେ ଆମ ପଂଚାୟତରେ ଦେଖାଯାଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସମସ୍ୟା ସମାଧାନ କରିବା ପାଇଁ ସଂକଳ୍ପ ନେବି ।

ଆମ ଅଡ୍ରୀ ପଂଚାୟତରେ ଭତ୍ତା ଓ ଚାଉଳ ବଂଟନ ଦିନ ପଂଚାୟତ ଖୋଲା ରହୁଛି । ଆଉ ବାକି ସବୁଦିନ ତାଲା ପଡି ରହୁଛି । ପଂଚାୟତକୁ ନିୟମିତ ଭାବେ ଖୋଲା ରଖିବା ସୁନିଶ୍ଚିତ କରିବି । ଜନସାଧାରଣଙ୍କ ସହ ଗାଁ'ସ୍ତରୀୟ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ସେସବୁ ସମସ୍ୟାର ସମାଧାନ ପାଇଁ ଦୃଢ ନିଷ୍ପତି ନେବି । ଅଗ୍ରଗାମୀ ତରଫରୁ ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଅନେକ ଉଦ୍ୟମ ହେଉଛି ସେଥିପାଇଁ ତାହାକୁ ଅଶେଷ ଶୁଭେଚ୍ଛା ଜଣାଉଛି ।

# Yet Another Dreamer of Panchayat Development



Shakuntala Nayak
Ward No 7, Adri
Panchayat
Thuamul-Rampur block
Kalahandi district

Shakuntala Nayak cherished the dream of becoming a sarpanch since long. Her dream came true when she was elected vice-sarpanch.She has been performing well after being elected. Her plans for the next 5 years are improving the lot of poorest of the poor, helpless, shelterless and others. Her promise is to get the eligible people enlisted for Indira Awas and Biju Pucca House. Her other responsibility will be to enroll expectant mothers in the Mamata Yojana.She says she will attach importance to schools, health centers etc and full attendance of the staff members.

Making aware of parents to send their grown up daughters to high school and college is also her responsibility. She plans to get new schools and Anganwadi centers. Also new roads and drinking water problems.

The ration shops in the Panchayat are not opening regularly. So she has promised regular opening of the ration shop.Her desire is to bring an all-round development to the Panchayat with the cooperation of villagers.

# ସୂଚନା କାର୍ଯ୍ୟକ୍ରମ ଦ୍ୱାରା ପଂଚାୟତରେ ଅନେକ ପରିବର୍ତ୍ତନ ଆସିଛି ସଂରପଂଚ ଦିଲୀପ ମାଝୀ



ଦିଲୀପ ମାଝୀ, ସରପଂଚ
ଗ୍ରାମ ପଂଚାୟତ : ସରମୁହାଣ
ବ୍ଲକ : ବେଲପଡ଼ା

ଦିଲୀପ ମାଝୀ, ସରପଂଚ ସରମୁହାଣ ଜଣେ ସ୍ୱେଚ୍ଛାସେବୀ ଓ ପଂଚାୟତରାଜ ବିଭାଗରେ ଜନ ପ୍ରତିନିଧି ଭାବରେ ଦୁଇଥର ସରମୁହାଣ ଗ୍ରାମ ପଂଚାୟତ ବ୍ଲକ- ବେଲପଡ଼ାକୁ ପ୍ରତିନିଧିତ୍ୱ କରୁଛି। ମୋ ନିଜ ଗାଁ ଭାଲୁଖାଇ। ଆମ ଗ୍ରାମ ପଂଚାୟତ ତଥା ବେଲପଡ଼ା ବ୍ଲକର ମୁଖ୍ୟ ସମସ୍ୟା ହେଉଛି-(୧) ଲଗାତାର ତିନିବର୍ଷ ହେଲା ଆମ ଅଂଚଳରେ ମରୁଡ଼ି ପଡିଛି। ଏଣୁ ଏହା ଆମ ପାଇଁ ବଡ଼ ସମସ୍ୟା। (୨) ଲଗାତାର ମରୁଡ଼ି ତଥା ସରକାରୀ କାମଧନ୍ଦାର ଅଭାବ ଯୋଗୁଁ ଲୋକମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ସାହୁକାରଙ୍କଠାରୁ ଅଗ୍ରୀମ ଟଙ୍କା ନେଇ ଚାଲିଯାଉଛନ୍ତି ଓ ଏହାଦ୍ୱାରା ସେମାନେ ପିଲାଛୁଆଙ୍କ ପାଠପଢ଼ା, ପୁଷ୍ଟିହୀନତା, ବିଭିନ୍ନ ପ୍ରକାରର ରୋଗର ଶିକାର ତଥା ଶୋଷଣ ହେଉଛନ୍ତି। ଏଣୁ ଦାଦନ, ପୃଷ୍ଟିହୀନତା, ପିଲାଛୁଆମାନେ ପାଠପଢାରୁ ବଂଚିତ ଇତ୍ୟାଦି ହେଉଛି। ଆମ ଗ୍ରାମ ପଂଚାୟତର ମୁଖ୍ୟ ସମସ୍ୟା। (୩) ମରୁଡ଼ି ଯୋଗୁଁ ଆମ ଗ୍ରାମ ପଂଚାୟତର ସବୁ ବନ୍ଧ, ପୋଖରୀ, ମୁଣ୍ଡା, ବଟା, ନଳକୂଅ ଶୁଖି ଯାଇଛି। ଏଣୁ ପିଇବା ପାଣି ଓ ପାଣି ଆମ ଗ୍ରାମ ପଂଚାୟତର ସମସ୍ୟା ଅଟେ।

ମୁଁ ବଲାଙ୍ଗୀର ବିକାଶ ପରିଷଦକୁ ୨୦୧୧ ମସିହାରୁ ଜାଣିଛି ଓ ଉକ୍ତ ସଂସ୍ଥା ମନରେଗା ଉପରେ କାମ କରୁଛି। ଏହାଛଡା ୨୦୧୪ ମସିହାରୁ ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପକୁ ଆମ ସରମୁହାଣ, ବେଲପଡ଼ା, ନୁହାହାଡ, ବାନୁଟ ଓ ଉରୁଆପାଲି ଗ୍ରାମ ପଂଚାୟତରେ ଜନସାଧାରଣ ତଥା ହିତାଧିକାରୀ ଗୋଷ୍ଠୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ମନରେଗା, ଅଙ୍ଗନୱାଡ଼ି କାର୍ଯ୍ୟକ୍ରମ ତଥା ପଲ୍ଲିସଭା ଓ ଗ୍ରାମସଭା ବିଷୟରେ ସଚେତନତା ଓ ସକ୍ରିୟ କରିବା ପାଇଁ କାମ କରୁଛି। ମୁଁ ନିଜେ ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପ ସହିତ ଜଡ଼ିତ ହୋଇ ପ୍ରକଳ୍ପର ବିଭିନ୍ନ ତାଲିମ ଓ ସଭାସମିତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛି। ମୁଁ ବେଲପଡ଼ାଠାରେ ମନରେଗା ଶ୍ରମିକ ସମାବେଶ ୨୦୧୭, ଭୁବନେଶ୍ୱରରେ ଡିସେମ୍ବର ୨୦୧୭ରେ ଜନସମୀକ୍ଷା ଓ ଆମ ଗ୍ରାମ ପଂଚାୟତରେ ପଂଚାୟତିରାଜ କର୍ମକର୍ତ୍ତା ତାଲିମ ତଥା ଗ୍ରାମ୍ୟସ୍ତରୀୟ ସୂଚନା ଆଦାନପ୍ରଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କୁ ଶିକ୍ଷା, ପୃଷ୍ଟି, ସ୍ୱାସ୍ଥ୍ୟ, ମନରେଗା ଓ ଗ୍ରାମସଭା ପଲ୍ଲୀସଭା ବିଷୟରେ ଗାଁ ଗାଁ ବୁଲି ବୁଝାଇ ଅଛି। ମୁଁ ଇୟୁ- ଅଗ୍ରଗାମୀ ସୂଚନା ପ୍ରକଳ୍ପ ଦ୍ୱାରା ପ୍ରକାଶିତ ସୂଚନାବାର୍ତ୍ତା ପତ୍ରିକା ନିୟମିତ ପଢେ ଓ ଲୋକମାନେ ନିଜର ନ୍ୟାର୍ଯ୍ୟ ଦାବି ପାଇଁ ସଂଗଠିତ ହୋଇ ସରକାରଙ୍କୁ ଦାବି ପ୍ରଦାନ କରିବା ସଫଳ ହେବା ଜାଣି ଖୁସି ଲାଗେ। ଗାଁ ଲୋକଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନାର ସୂଚନା ପହ□ାଇବା କାମ ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପ ତର'ରୁ ବଲାଙ୍ଗିର ବିକାଶ ପରିଷଦ ଆମ ଅଂଚଳରେ କାମ କରୁଥିବାରୁ ମୁଁ ତାଙ୍କ କାମ ପାଇଁ ଧନ୍ୟବାଦ ଜଣାଉଛି।

ଇୟୁ-ଅଗ୍ରଗାମୀ ସୂଚନା ପ୍ରକଳ୍ପ ଦ୍ୱାରା ଲୋକେ ନିଶ୍ଚିତ ଭାବରେ ଉପକୃତ ହେଉଛନ୍ତି, କାରଣ ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସୂଚନା ପାଇପାରୁଛନ୍ତି ଓ ସୂଚନା ପାଇବା ହିଁ ବଡ଼ କାମ। ପ୍ରକଳ୍ପ ଦ୍ୱାରା ହୋଇଥିବା କାନ୍ଥ ଲେଖା ଦ୍ୱାରା ସବୁଦିନିଆ ସୂଚନା ଲୋକେ ପାଇପାରୁଛନ୍ତି ଓ ସମସ୍ୟାକୁ ଚିହ୍ନଟ କରି ସଚେତନ ନାଗରିକ ମଂଚ□ ମାଧ୍ୟମରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରି ସମସ୍ୟାର ସମାଧାନ କରିପାରୁଛନ୍ତି। ମୁଁ ଉଦାହରଣ ଦେଇ କହିବି ସୂଚନା ପାଇବା ପରେ ଆମ ଗାଁରେ ଲୋକେ ଦାବି କରିବାରୁ ବିଷୟଭିତ୍ତିକ ଶିକ୍ଷକ (ବିଜ୍ଞାନ), ଋତୁକାଳୀନ ଛାତ୍ରାବାସ, ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ହୋଇ ଉନ୍ନତମାନର ସେବା ଯୋଗାଇ ଦେଉଛନ୍ତି। ବିଭିନ୍ନ ଗ୍ରାମରେ ଗଠିତ ହୋଇଥିବା ମନରେଗା ଶ୍ରମିକ ଦଳ ନିଜର ମଜୁରୀ ପାଇଁ, କାମ ପାଇଁ ଦାବି କରୁଛନ୍ତି ଓ ଆବଶ୍ୟକ ହେଲେ ବିଡିଓ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନିଜର ଦାବି କହୁଛନ୍ତି। ଏଣୁ ଏହି ପ୍ରକଳ୍ପ ଦ୍ୱାରା ସରକାରଙ୍କ ଯୋଜନା ଉପରେ ଲୋକଙ୍କ ସଚେତନତା ବଢିଛି ଓ ନାର୍ଯ୍ୟ ଦାବି ପାଇଁ ଅଭିଯୋଗ ପ୍ରକ୍ରିୟା ସକ୍ରିୟ ହୋଇପାରିଛି।

ଗାଁ ଗାଁରେ ଗଠିତ ହୋଇଥିବା କମିଟି ଗୁଡ଼ିକ ସଚେତନ ହୋଇ ନିଜର କାମ ସଠିକ୍ ରୂପେ କଲେ ଓ ଏହି ପ୍ରକଳ୍ପରୁ ମିଳିଥିବା ଶିକ୍ଷା ଯଥା- ଜନଏକତା ଓ ଜନମତ ଦୃଢ ହେଲେ ପ୍ରଭାବ ଦୀର୍ଘସ୍ଥାୟୀ ହେବା ସହ ଅନ୍ୟ ଅଂଚଳକୁ ମଧ୍ୟ ପ୍ରଭାବିତ କରିବ।

# RTI has Done Wonders to This Panchayat



Dilip Majhi ,
Sarpanch, Sarmuhana
Belpada Block
Bolangir district

Belapada block of Bolangir district has number of problems. Because of continuous drought people are migrating to other states. Migration has brought immense difficulties. No education for children, no nutritional food and severe health issues. As there is no rain wells and rivers are drying up.

Dilip Majhi has been an active member of Bolangir Bikash Parishad. Since 2014 he has been a part of the EU-Agragamee RTI programme covering several villages. Taking part in various workshops, meetings, Pallisabha, Gramsabha, making people aware if their rights and benefits, has been his lookout .Dilip attended a training programme for MGNREGS and worker's meet in Belpada.He has attended other development related programmes.

He says the people of his Panchayat have been vastly benefited by the EU-Agragamee project because people get lot of information about their rights. The posters and wall campaigns have made people conscious about their entitlements. He says if the committee members are active, many things can be achieved and it can be sustainable too.

# ନାଗରିକ ଚେତନା ମଂଚ ସଦସ୍ୟା ସୁଶ୍ରୀ ସୂର୍ଯ୍ୟମଣି ହୋ'ଙ୍କ ସଫଳ କାହାଣୀ



**ସୂର୍ଯ୍ୟମଣି ହୋ, ସଦସ୍ୟା,**
**ନାଗରିକ ଚେତନା ମଂଚ, ହରିଡ଼ାଘୁଟୁ,**
**ପଂଚାୟତ : ଠାକୁରମୁଣ୍ଡା ବ୍ଲକ, ମୟୂରଭଞ୍ଜ**

ଆମ ଗାଁ ହରିଡ଼ାଘୁଟୁ ମିନି ଅଙ୍ଗନଓ୍ବାଡ଼ି କେନ୍ଦ୍ର ୨୦୧୩-୧୪ ମସିହାରୁ ଆରମ୍ଭ ହୋଇଥିଲା ହେଲେ ଅଙ୍ଗନଓ୍ବାଡ଼ି କର୍ମୀ, ଯମୁନା ହୋଙ୍କ ଘର ପାରାଟାଙ୍ଗି ତଳେ ଅଙ୍ଗନଓ୍ବାଡ଼ି ଚାଲୁଥିଲା। ସେଠାରେ ଛୋଟ ପିଲାମାନେ ବସିବା ଅଙ୍ଗନଓ୍ବାଡ଼ି ପରିବେଶ ଠିକ ନଥିଲା। ବର୍ଷା କି ଖରା ପାରାନେଣ୍ଡି ଭାଡି ଉପରୁ ଖସି ପଡୁଥିବାରୁ ପିଲାମାନେ ବହୁତ ଅସୁବିଧାରେ ରହୁଥିଲେ। ଏ ଦିଗରେ ମୁଁ ମହିଳା ଗ୍ରୁପ ମିଶି ବାରମ୍ବାର ବି.ଡି.ଓ., ସିଡ଼ିପିଓ ଠାକୁରମୁଣ୍ଡାଙ୍କୁ ଲିଖିତ ଦରଖାସ୍ତ ଜଣାଇବା ପରେ  ପ୍ରାୟ ଚାରିବର୍ଷ ପରେ ସରକାର ଅଙ୍ଗନଓ୍ବାଡ଼ି ଘର ନିର୍ମାଣ ପାଇଁ ମଞ୍ଜୁର କରିଥିଲେ। ବର୍ତ୍ତମାନ ଅଙ୍ଗନଓ୍ବାଡ଼ି ମେଲା ଘରେ ନ ଚାଲି ସରକାରୀ ନୂଆ ପକ୍କା ବିଲ୍‌ଡିଂରେ ଚାଲିଛି। ଘର ହେବା ଦ୍ୱାରା କେନ୍ଦ୍ରର ପରିବର୍ତ୍ତେ ନୂଆ ରୂପରେ ପିଲାମାନଙ୍କର ଶିକ୍ଷଣୀୟ ସାମଗ୍ରିକ ମାନଚିତ୍ର ରଙ୍ଗବେରଙ୍ଗ ଖେଳଣା ଟଙ୍ଗା ଯାଇଛି। ଏଥିରେ ପିଲାମାନଙ୍କୁ ଶିକ୍ଷଣୀୟ ଜୀବନକୁ ଆକୃଷ୍ଟ କରିପାରିଛି। କେଉଁ ଦିନ କଣ ଜଳଖିଆ ଓ ରନ୍ଧାଖାଦ୍ୟ ଦିଆଯିବ ତା ଘର କାନ୍ଥରେ ମିନୁ ତାଲିକା ଟାଙ୍ଗି ଦିଆଯାଇଛି। ସମସ୍ତେ ଯିଏ ଯାଉଛି ତାଲିକା ଦେଖି ଜାଣିପାରୁଛନ୍ତି। ସପ୍ତାହରେ ଯାହାଯାହା ଦେବା କଥା ଠିକ୍ ଚାଲିଛି। କେନ୍ଦ୍ରରେ ଯେଉଁ ନାଚ, ଗୀତ, ଶିକ୍ଷା ପାଇବା ସହିତ ଖେଳଣା ସାମଗ୍ରୀ ଯୋଗାଇ ଦେବା ଦ୍ୱାରା ଛୋଟ ପିଲାମାନେ ଆକୃଷ୍ଟ ହେଉଛନ୍ତି। ଏଥିରେ ଆମ ଗାଁର ମହିଳାମାନେ ବହୁତ ଖୁସି ହେଉଛନ୍ତି।

ଆମ ଗାଁ ହରିଡ଼ାଘୁଟୁରେ ୭୫ ପରିବାର ଘର ସଂଖ୍ୟା ଅଛି। ଶିମିଳିପାଳ, ପାଦ ଦେଶ ଜଙ୍ଗଲ ଚାରିପାଖ ଘେରା ଅ□ଳରେ ବସତି ସ୍ଥାପନ ରହିଛି। ଆଇମା ଅମଳରୁ ଗାଁ ଲୋକ ଜଙ୍ଗଲ ଝରଣାର ଛୁଆପାଣିରେ ସଂସାର ଜୀବନ ବିତାଉଥିଲେ। କି ବର୍ଷା, କି ଖରା ଛୁଆ ପାଣି ପାଇଁ ଜଙ୍ଗଲ ଝରଣାକୁ ଗାଧୁଆ, ପାନୀୟ ଜଳ ବ୍ୟବହାର କରୁଥିଲେ। ଦିନବେଳା ଥାଉଁ ଥାଉଁ ମହିଳାମାନେ ପାଣି ଆଣୁଥିଲେ। ପରିବାର ଚଳିବା ପାଇଁ ବେଳ ବୁଡ଼ିଲେ, ମୁଁ ହିଁ ସଞ୍ଜ ହେଲେ ସେ ଛୁଆକୁ ଜଙ୍ଗଲରୁ ବାଘ, ଭାଲୁ, ମାଙ୍କଡ଼ ପାଣି ପିଇବାକୁ ଓହ୍ଲାଇ ଆସୁଥିଲେ, ମଣିଷ ଯେଉଁ ଝରଣା ଛୁଆ ପାଣି ପିଇ ଜୀବନ ଜିଉଁଥିଲା ଜଙ୍ଗଲ ଜନ୍ତୁଜାନୁଆର ବି ସେହି ପାଣି ପିଇ ଜୀବନ ବିତାଉଥିଲେ। ଏ ଦିଗରେ ମୁଁ ଗାଁର ମହିଳା ଗ୍ରୁପ ମିଶି ଦରଖାସ୍ତ ବିଡିଓ ଠାକୁରମୁଣ୍ଡାଙ୍କୁ ଜଣାଇବା ପରେ ସରକାର ଗାଁ ପାଇଁ ଦୀର୍ଘଦିନ ପରେ ଗୋଟିଏ ନୂଆ କୂଅ ମଞ୍ଜୁର କରି ନଳକୂଅ ଖୋଳିବା ପାଇଁ ଗାଡ଼ି ଆସି ନଳକୂଅ ଖୋଳା ଆରମ୍ଭ କଲା। ନଳକୂଅ ବାବୁମାନେ ପୋଖରୀ ହୁଡ଼ା ଉପରେ ଖୋଳି ଚାଲିଗଲେ। ଦୁଇମାସ ପରେ ନଳକୂଅ ହେଣ୍ଡୋଲ ଲଗାଗଲା କିନ୍ତୁ ଦୁଃଖ କଥା ପାଣି ବାହାରିଲା ନାହିଁ। ପୁଣି ଲୋକେ ଅଭିଯୋଗ କରିବାରୁ ନଳକୂଅ ଖୋଳା ହେଲା କିନ୍ତୁ ପାଣି ବାଲ୍‌ଟିଏ ବାହାରୁ ନାହିଁ। ପୁଣି ଲୋକେ ଅ□ଭିଡ଼ି ଆପ□ କରିବା ପାଇଁ ମୁଁ ମହିଳାମାନଙ୍କୁ ସାଙ୍ଗରେ ନେଇ ବିଡ଼ିଓ ଅଫିସକୁ ଗଲି। ଦରଖାସ୍ତ ଲେଖି ଜଣାଇଲୁ। ନଳକୂଅ ହେଲା କିନ୍ତୁ ପାଣି ନାହିଁ। ଆମ ଗାଁ ପାଇଁ ଏକ ଉପହାସ କଲାଭଳି ନଳକୂଅ ଖୋଳା କାହିଁକି ପାଣି ବାହାରୁ ନାହିଁ। ତାର ବିକଳ୍ପ ବ୍ୟବସ୍ଥା ପାଇଁ ସେହି ନଳକୂଅରୁ ପାଣି  ନ ବାହାରିବାରୁ ଅନ୍ୟ ଏକ ନଳକୂଅ ଏକ ବର୍ଷ ପରେ ପୁଣିଥରେ ଖୋଳା ଗାଡ଼ି ଆସି ନୂଆ ନଳକୂଅ ଖୋଳି ହେଣ୍ଡଲ ଲଗାଇ ସଂଗେ ସଂଗେ ହେଣ୍ଡଲ ମାରି ଦେଖାଇ ଦେଲେ ପାଣି ବାହାର କରୁଛି କି ନାହିଁ। ପାଣି ବାହାରିବାରୁ ବର୍ତ୍ତମାନ ଲୋକମାନେ ସେହି ନଳକୂଅରୁ ପାଣି ନିତିଦିନ ବ୍ୟବହାର କରୁଛନ୍ତି। ଗାଁ ଲୋକ ବହୁତ ଖୁସି ହେଲେ ପୂର୍ବପରି ଜଙ୍ଗଲ ଝରଣା, ଚୁଆକୁ ଆଉ ପାଣି ପାଇଁ ଯାଉନାହାନ୍ତି। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆମ ଗାଁ ପାଇଁ କ୍ରସ ବନ୍ଧ ମରାମତି କରିବାକୁ ଆସିଥିଲା। ତିନିଲକ୍ଷ ପଚାଶ ହଜାର ଟଙ୍କାର କ୍ରସବନ୍ଧ କାମ ସେଥିରେ କଂଟ୍ରାକ୍ଟର କାମ କରି ମରାମତି କାମ ଶେଷ କଲା ଠିକ୍ ସେହିଦିନ ଅପରାହ୍ନ ୩ଟାରେ ସମୟରେ ଘଡ଼ଘଡ଼ି ବର୍ଷା ଜୋର୍ ହେଲା ପାଣି ଜମିବାରୁ ଦେଖାକଲା ପାଣି କଂକ୍ରିଟରୁ ଲିକ୍ କରୁଛି। ଗାଁ ଲୋକ ସମସ୍ତେ ଦେଖିଲେ ଆଜି କାମ ସରିଛି, ପାଣି ଢାଳୁଛି। ପକ୍କା କାମରେ ଦୁଇ ଦିନ ପରେ ବିଡ଼ିଓ ଅଫିସକୁ ଯାଇ ଦରଖାସ୍ତ ଆପ□ ଅଭିଯୋଗ ଜଣାଇଲୁ। ନିମ୍ନମାନର କାମ ହୋଇଛି, ତାହାକୁ ରୋକାଯାଉ। କାମ ଚେକ୍ ପାଇଁ ଟ୍ରେନିଂରେ ଥିବା ବିଡିଓ ମହାଶୟ ଗାଁକୁ ଆସି ଦେଖିଲେ। ତା'ପରେ ପୁଣି ସାନୀ କାମ କରିବା ପାଇଁ ସେହି ଟଙ୍କାରେ କାମ କରିବା ପାଇଁ କହିଲେ। ଯେଉଁ କାମ କରାଯାଇଥିଲା ବାଲି, ପଥର ମେଟାଲ, ସିମେଂଟ, ଖୋଳି ବାହାର କରି ଫୋପାଡ଼ି ଦିଆଗଲା ପୁଣି ମୂଳଦୁଆରୁ କଂକ୍ରିଟ କରି ନୂଆ କାମ କରାଗଲା ବର୍ତ୍ତମାନ ସେହି ବନ୍ଧରେ ପାଣି ଭରପୁର ପାଣି ଲିକ୍ କରୁନାହିଁ। ଏହା ଦେଖି ଗାଁ ଲୋକ ବହୁତ ଖୁସି ହେଲେ। ବର୍ତ୍ତମାନ ସେଠାରେ ପାଣିକୁ ଗାଁ ଲୋକ ଚାଷ କାମରେ ଲଗାଉଛନ୍ତି ଓ ଗାଧୁଆ ମଧ୍ୟ ଚାଲିଛି। ଗାଁରେ ଜଙ୍ଗଲଜମି ଅଧିକାର କମିଟି ଦ୍ୱାରା ୫୦ଜଣଙ୍କର ଦାବି ଦରଖାସ୍ତ ଖର୍ମ ଜଙ୍ଗଲଜମି ଟିକସ ପାଇଁ ଦିଆଯାଇଥିଲା।  ସେଥିମଧ୍ୟରୁ ୧୨ଜଣ ଲୋକଙ୍କର ଜମି ପଟ୍ଟା ହୋଇଥିଲା ଆଉ ଲୋକମାନେ ପାଇଲେ ନାହିଁ। ପିଲାମାନଙ୍କର ବାପାମାନଙ୍କର ନାମରେ ଜମିପଟ୍ଟା ନଥିବାରୁ ଯେଉଁ ପିଲା ସ୍କୁଲରେ ପାଠପଢାରେ ସ୍ଥାୟୀ ବାସିନ୍ଦା ଓ ଜାତି ସାର୍ଟିଫିକେଟ ପାଇପାରିଲେ ନାହିଁ। ତା'ପରେ ଜମି ପଟ୍ଟା ପାଇଁ ଗାଁ ଲୋକଙ୍କୁ ଏକଜୁଟ କରି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପାଖକୁ ଆପତ୍ତି ଦରଖାସ୍ତ ଲେଖି ଜଣାଇଲୁ। ଏକମାସ ପରେ ସରକାରୀ ଚିଠି ଆସିଲା ଲୋକମାନଙ୍କ ପାଖକୁ ଲୋକମାନେ ଆର.ଆଇ. ଠାକୁରମୁଣ୍ଡାଙ୍କୁ ଦେଖାକଲେ। ଆର.ଆଇ. ମହାଶୟ ଲୋକମାନଙ୍କୁ ଦମକାଣୀ ଦେଖାଇଲା 'ତୁମ୍ଭେ କାହା ବୁଦ୍ଧିରେ ରାଜ୍ୟପାଳକୁ ଲେଖିଲ', କହିଲାରୁ ଲୋକମାନେ କହିଲେ, "ଆମ ଗାଁର ପୂର୍ବତନ ସରପଂଚ□ ବାଜୁରାମ ହୋ ସେ ରାସ୍ତା ଦେଖାଇବାରୁ ଆରମ୍ଭ ଲେଖିଲୁ, ଆମର ଆଞ୍ଚା ପିଲାଛୁଆ ପାଠପଢିବା ପାଇଁ ସାର୍ଟିଫିକେଟ ପାଇବାରେ ଅସୁବିଧା କରୁଛନ୍ତି।" ଏପରି କହିବାରୁ ପୁଣି ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା କରାଗଲା ଏବଂ ସାର୍ଟିଫିକେଟ ମଧ୍ୟ ଦିଆଗଲା ।

# Success Story of Suryamani



Suryamani Ho
Member, CAG
Haridaghutu panchayat
Thakurmunda block
Mayurbhanj District

She is a member of the citizen awareness forum. Her village had an Anganwadi centre where children sat outside. She and other group members wrote to the BDO and CDPO. After four years house was sanctioned. The house now has improved the functionalities of the ICDS centre. Children are happy now because they can play, eat and study together. Mothers too are happy. This village has 75 households and surrounded by streams and thick jungles. But the people had difficulty in fetching water for edible purposes. Even their lives were in danger from animals. Then she and her group applied for a tube well. Thakurmunda BDO sanctioned a well .The well was dug but no water came. Then they approached the BDO once again. As a result, another tubewell was sunk and people are getting good drinking water. They don't have to go out for water any more. Similarly, an amount of three and half lakhs were sanctioned for a cross bund under MGNREGS. After a few days the construction got destroyed as the work as substanded. The BDO reordered the work. After successful completion of the project people are able to use this water for agriculture and household use. Likewise, out of 50 applications for RoR of forest land, only 12 people got the rights. Because of this children of 38 families were deprived of admission in school and caste certificate. Then the villagers appealed the Governor's office. On orders from higher authorities the local RI issued land rights to rest of the families.




# Agragamee


Kashipur, Rayagada-765015, Odisha, India

Ph. : +91-6865-285149, Tel Fax : +91-6865-285174


MAHILA VIKAS
Gajapati

Harmony
Let us build a harmonious society
Malkanagiri

Mayurbhanja

Bolangir Bikash Parisad

Chale Chalo
Nuapada

Seba Jagat
Kalahandi

RCDC
Nabarangpur

Gajapati